୬ ▶ ଆର୍ଚ୍ଚରୀ ବିଶ୍ୱକପ୍‌ରେ ଧୀରଜ ବୋମ୍ମାଦେବରାଙ୍କ କମାଲ : ଜିତିଲେ ଡବଲ୍ ଗୋଲ୍ଡ

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

ସମ୍ବାଦ କଳିକା

The Sambad Kalika

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

E-mail : sambadkalikanews@gmail.com

ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

● ବର୍ଷ–୩୩ ● ସଂଖ୍ୟା–୧୩୬ ● ୧୬ ଜୁନ ୨୦୨୬ ମଙ୍ଗଳବାର ● ଭୁବନେଶ୍ୱର ● Vol -33 ● Issue-136 ● 16th June 2026, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

‘ସୋମନାଥ ସ୍ୱାଭିମାନ ଯାତ୍ରା-୨୦୨୬’ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ସୋମନାଥଙ୍କ ଚରଣରେ ଅର୍ପଣ ହେବ ବିନ୍ଦୁସାଗରର ପବିତ୍ର ଜଳ

ଭୁବନେଶ୍ୱର, ୧୫।୬
ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଇତିହାସରେ ଆଜି ଏକ ନୂତନ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ି ହୋଇଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ଭୁବନେଶ୍ୱରଠାରେ ଆନୁଷ୍ଠାନିକ ଭାବେ ଐତିହାସିକ ‘ସୋମନାଥ ସ୍ୱାଭିମାନ ଯାତ୍ରା-୨୦୨୬’ର ଶୁଭାରମ୍ଭ କରିଛନ୍ତି ।

ଓଡ଼ିଶାର ପ୍ରାୟ ୧୧୦୦ରୁ ଅଧିକ ଭକ୍ତଙ୍କୁ ନେଇ ଗୁଜରାଟର ପବିତ୍ର ପ୍ରଭାସ ପାଟଣସ୍ଥିତ ପ୍ରଭୁ ସୋମନାଥଙ୍କ ଧାମ ଅଭିମୁଖେ ଯାତ୍ରା କରିବାକୁ ଥିବା ଏହି ସ୍ୱତନ୍ତ୍ର ଟ୍ରେନକୁ ମୁଖ୍ୟମନ୍ତ୍ରୀ ସବୁଜ ପତାକା ଦେଖାଇ ତୀର୍ଥ ଯାତ୍ରାର ଶୁଭ ଆରମ୍ଭ କରିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହା କେବଳ ଏକ ରେଳ ଯାତ୍ରା ନୁହେଁ, ବରଂ ଆମର ଆସ୍ଥା, ଭକ୍ତି ଏବଂ ସାଂସ୍କୃତିକ ସ୍ୱାଭିମାନର ଏକ ମହାଯାତ୍ରା । ପୂର୍ବରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ପଶ୍ଚିମରେ ପ୍ରଭୁ ସୋମନାଥ – ଏହି ଦୁଇ ଦିବ୍ୟ ଶକ୍ତି ସମଗ୍ର ଭାରତବର୍ଷକୁ ଏକତା, ଆଧ୍ୟାତ୍ମିକତା ଓ ଅବିନାଶୀ ଚେତନାର ସୂତ୍ରରେ ବାନ୍ଧି ରଖିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ତୀର୍ଥଯାତ୍ରା ସାରା ଦେଶରେ ଆୟୋଜିତ ହେଉଥିବା ମହାନ ରାଷ୍ଟ୍ରୀୟ ସଂକଳ୍ପ ‘ସୋମନାଥ ସ୍ୱାଭିମାନ ପର୍ବ’ର ଏକ ଗୌରବମୟ ଅଂଶ, ଯାହା ଭାରତୀୟ ଇତିହାସର ଦୁଇଟି ପ୍ରମୁଖ ମାଇଲଖୁଣ୍ଟକୁ ସ୍ମରଣ କରାଉଛି । ପ୍ରଥମଟି ହେଉଛି, ବର୍ଷ ୧୦୨୬ ମସିହାରେ ମହମ୍ମଦ ଗଜନଭୀଙ୍କ ଦ୍ୱାରା ସୋମନାଥ ମନ୍ଦିର ଉପରେ ହୋଇଥିବା ପ୍ରଥମ ବର୍ବର ଆକ୍ରମଣର ୧୦୦୦ ବର୍ଷ ଏବଂ ଦ୍ୱିତୀୟଟି ହେଉଛି, ସ୍ୱାଧୀନତା ପରେ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରେରଣାରେ ଏହି ଭବ୍ୟ ମନ୍ଦିରର ପୁନଃପ୍ରତିଷ୍ଠାର ୭୫ତମ ପ୍ଲାଟିନମ୍ ଜୁବିଲି । ଏହି ବର୍ଷବ୍ୟାପୀ ସାଂସ୍କୃତିକ ମହୋତ୍ସବ (ପୃଷ୍ଠା ୭ରେ)

୧୯ରେ ହେବ ଆମେରିକା ଓ ଇରାନ ମଧ୍ୟରେ ଶାନ୍ତି ଚୁକ୍ତି !

ୱାଶିଂଟନ, ୧୫।୬

ପଶ୍ଚିମ ଏସିଆରେ ଜାରି ରହିଥିବା ଯୁଦ୍ଧକୁ ଶେଷ କରିବା, ଷ୍ଟ୍ରେଟ ଅଫ ହର୍ମୁଜକୁ ଖୋଲିବା ଓ ତେହରାନର ଆଣବିକ କାର୍ଯ୍ୟକ୍ରମ ସମ୍ପର୍କରେ ପୁଣି ଆଲୋଚନା କରିବା ପାଇଁ ଆମେରିକା ଓ ଇରାନ ଗୋଟିଏ ଶାନ୍ତି ପ୍ରସ୍ତାବ ଉପରେ ସହମତି ହୋଇଛନ୍ତି ।

ଦୁଇ ଦେଶ ଶାନ୍ତି ଚୁକ୍ତିରେ ଦସ୍ତଖତ କରିବାକୁ ରାଜି ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି । ଏଥିସହ ଆସନ୍ତା ୧୯ରେ ବିଧିବଦ୍ଧ ଭାବେ ଦୁଇ ଦେଶ ଶାନ୍ତି ଚୁକ୍ତିରେ ଦସ୍ତଖତ କରିବେ ବୋଲି କୁହାଯାଉଛି । ଏହି ଚୁକ୍ତି ପରେ ପୂରା ବିଶ୍ୱରେ ସୃଷ୍ଟି ହୋଇଥିବା ତୈଳ ଯୋଗାଣ ସଙ୍କଟ ଦୂର ହେବ ବୋଲି ସମସ୍ତେ ଆଶା ରଖିଛନ୍ତି ।

ଯଦିଓ ଶାନ୍ତି ବୁଝାମଣାର ସର୍ତ୍ତଗୁଡ଼ିକ ସାର୍ବଜନୀନ ହୋଇନାହିଁ, ତେବେ ଏହାର ପ୍ରମୁଖ ପ୍ରାବଧାନଗୁଡ଼ିକ ସାମ୍ନାକୁ ଆସିଛି । ଚୁକ୍ତିର ଡ୍ରାଫ୍ଟ ସୂଚୀ ସହ ଜଡ଼ିତ ଥିବା ଜଣେ ଇରାନୀୟ ଅଧିକାରୀଙ୍କ ବୟାନକୁ ଆଧାର କରି ବିଭିନ୍ନ ଗଣାମଧ୍ୟମ ଏନେଇ ଖବର ପ୍ରକାଶ କରିଛନ୍ତି । ଇରାନୀୟ ମାଧ୍ୟମଗୁଡ଼ିକ ପକ୍ଷରୁ ମଧ୍ୟ ଗୋଟିଏ (ପୃଷ୍ଠା ୭ରେ)

ଭାରତର ସ୍ୱାଗତ

ନୂଆଦିଲ୍ଲୀ, ୧୫।୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆମେରିକା ଏବଂ ଇରାନ ମଧ୍ୟରେ ହେଉଥିବା ଶାନ୍ତି ଚୁକ୍ତିକୁ ସ୍ୱାଗତ କରିଛନ୍ତି । ଏହି ଚୁକ୍ତି ଏହି ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ଆଣିବ ଏବଂ ଗତିବିଧି ଏବଂ ବାଣିଜ୍ୟର ସ୍ୱାଧୀନତା ଫେରାଇ ଆଣିବ ବୋଲି ଆଶା ପ୍ରକଟ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି ଯେ, ଏହି ସଂଘର୍ଷ ସାରା ବିଶ୍ୱରେ ଗମ୍ଭୀର ଆର୍ଥିକ ବାଧା ସୃଷ୍ଟି କରିଛି ଏବଂ ଅନେକ ଦେଶରେ ଜୀବନ ଏବଂ ସମ୍ପତ୍ତିର କ୍ଷତି କରିଛି । ସେ ଆଲୋଚନା ମାଧ୍ୟମରେ ଏକ ସ୍ଥାୟୀ ଚୁକ୍ତି ହାସଲ କରିବା ବିଷୟରେ ଆଶାବାଦୀ ଅଛନ୍ତି ।

ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ ପ୍ରଧାନମନ୍ତ୍ରୀ ମୋଦୀ ଲେଖିଛନ୍ତି, ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷର ଅନ୍ତ ପାଇଁ ଆମେରିକା ଏବଂ ଇରାନ ମଧ୍ୟରେ ହୋଇଥିବା ଚୁକ୍ତିକୁ ମୁଁ ସ୍ୱାଗତ କରୁଛି । ଏହି ଉତ୍ତେଜନା ବିଶ୍ୱବ୍ୟାପୀ ଗମ୍ଭୀର ଆର୍ଥିକ ବାଧା ସୃଷ୍ଟି କରିଛି (ପୃଷ୍ଠା ୭ରେ)

୨୦ରେ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶାଗସ୍ତ ବୃତ୍ତାନ୍ତ

ଭୁବନେଶ୍ୱର, ୧୫।୬
ନ୍ୟୁଜ୍ ବ୍ୟୁରୋ

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଗାମୀ ୨୦ ତାରିଖରେ ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି । ତାଙ୍କ ଗସ୍ତ ସୂଚୀ ଅନୁଯାୟୀ ପୂର୍ବାହ୍ନ ୧୧ଟା ୫ରେ ସେ ମୟୂରଭଞ୍ଜ ଜିଲ୍ଲା ପାହାଡ଼ପୁର ହେଲିପ୍ୟାଡରେ ଅବତରଣ କରିବେ । ସେଠାରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗାଁ ଗୋଷାଣୀ ପୀଠ ପାହାଡ଼ପୁରରେ ପହଞ୍ଚିବେ । (ପୃଷ୍ଠା ୭ରେ)

ସୈନିକ ସ୍କୁଲ୍ ରାସ୍ତାରେ ଦୁର୍ଘଟଣା : ୨ ମୃତ

ଭୁବନେଶ୍ୱର, ୧୫।୬
ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱର ସୈନିକ ସ୍କୁଲ୍ ରାସ୍ତାରେ ସିରିଜ୍ ଦୁର୍ଘଟଣା । କାର-ଅଟୋ-ଏକାଧିକ ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟିବା ଫଳରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବାର ସୂଚନା ମିଳିଛି । ଦୁର୍ଘଟଣା ପରେ ଏହି ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଦୁର୍ଘଟଣା ଘଟାଇଥିବା କାରର ଡ୍ରାଇଭର ଫେରାର ହୋଇଯାଇଛି ।

ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୧୫୩ (+୨୪୫)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୮୯୦ (+୨୨୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୩୭୫ (+୧୮୪)

ରୁପା ଦର

ରୁପା – ପ୍ରତି ଗ୍ରାମ ୨୬୫ (+୫)

ଖୁବ୍ ଶୀଘ୍ର ଶସ୍ତା ହେବ ପେଟ୍ରୋଲ୍-ଡିଜେଲ୍ !

ନୂଆଦିଲ୍ଲୀ, ୧୫।୬

ଆମେରିକା-ଇରାନ ଚୁକ୍ତିନାମା ଘୋଷଣା ପରେ ଅଶୋଧିତ ତୈଳ ଦର ହ୍ରାସ ପାଇଛି । ସୋମବାର ପ୍ରାରମ୍ଭିକ ବାଣିଜ୍ୟ ସମୟରେ, ଅନ୍ତର୍ଜାତୀୟ ଅଶୋଧିତ ତୈଳ ଦର ୪% ରୁ ଅଧିକ ହ୍ରାସ ପାଇଛି । କେନ୍ଦ୍ର ସରକାର ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ହ୍ରାସ କରି ସାଧାରଣ ଜନତାଙ୍କୁ କେବେ ଆଶ୍ୱସ୍ତି ପ୍ରଦାନ କରିବେ ତାହା ଦେଖିବାକୁ ବାକି ଅଛି ।

ବ୍ରେଣ୍ଟ ଅଶୋଧିତ ତୈଳ ୪% ରୁ ଅଧିକ ହ୍ରାସ ପାଇ ବ୍ୟାରେଲ ପ୍ରତି ୮୩.୭୫ ରେ ପହଞ୍ଚିଛି । ଡବ୍ଲ୍ୟୁଟିଆଇ ଅଶୋଧିତ ତୈଳ ପ୍ରାୟ ୫% ହ୍ରାସ ପାଇ ବ୍ୟାରେଲ ପ୍ରତି ୮୦.୮୭ରେ ପହଞ୍ଚିଛି । କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରଣାଳୟର ସୂତ୍ର ଅନୁସାରେ, ସରକାର ପରିସ୍ଥିତି ଉପରେ ନଜର ରଖିଛନ୍ତି ।

ହର୍ମୁଜ ପ୍ରଣାଳୀରେ ଉତ୍ତେଜନା ସମୟରେ ଦେଶର ତୈଳ ବିପଣନ କମ୍ପାନୀଗୁଡ଼ିକ ଭାରୀ କ୍ଷତି ସହିଥିଲେ । କେନ୍ଦ୍ର ସରକାର ଉତ୍ପାଦ ଶୁଳ୍କ ମଧ୍ୟ ହ୍ରାସ କରିଥିଲେ, କିନ୍ତୁ କ୍ଷତି ଅପରିହାର୍ଯ୍ୟ ହୋଇଗଲେ ଶେଷରେ ମୂଲ୍ୟ ବୃଦ୍ଧି ପାଇଲା । ଏହି କ୍ଷତି ଗୋଟିଏ ଦିନରେ ଭରଣା କରାଯାଇପାରିବ ନାହିଁ ।

ଯଦି ପରିସ୍ଥିତି ଅନୁକୂଳ ରହେ, ତେବେ ସରକାର ନିଶ୍ଚିତ ଭାବରେ ସାଧାରଣ ଜନତାଙ୍କୁ ଆଶ୍ୱସ୍ତି ପ୍ରଦାନ କରିବେ । ପରିସ୍ଥିତି ଉପରେ ବର୍ତ୍ତମାନ ନଜର ରଖାଯାଇଛି । ସ୍ୱାଭାବିକ ଭାବରେ, ଏହା ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ହ୍ରାସ ପାଇବା ଉଚିତ । ସୂଚନା ଅନୁସାରେ ଭାରତର ତୈଳ ବିପଣନ କମ୍ପାନୀଗୁଡ଼ିକ ବର୍ତ୍ତମାନ ପଶ୍ଚିମ ଏସିଆ ସଙ୍କଟ ସମୟରେ ହୋଇଥିବା କ୍ଷତି ପୂରଣ କରୁଛନ୍ତି, ଏକ ସମୟ ଯେତେବେଳେ ବିଶ୍ୱରେ ଅଶୋଧିତ ତୈଳର ମୂଲ୍ୟ ପ୍ରାୟ ୧୨୦ ଡଲାର ପ୍ରତି ବ୍ୟାରେଲକୁ ବୃଦ୍ଧି ପାଇଥିଲା । ସେହି ସମୟ ମଧ୍ୟରେ, କମ୍ପାନୀଗୁଡ଼ିକ ଦୀର୍ଘ ସମୟ ପାଇଁ ଏହି ଖର୍ଚ୍ଚର ସମ୍ପୂର୍ଣ୍ଣ ବୋଝ ଗ୍ରାହକଙ୍କ ଉପରେ ଲଦିବାରୁ ନିବୃତ୍ତ ରହିଥିଲେ । ତଥାପି ମେ ମଧ୍ୟଭାଗରୁ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ପ୍ରାୟ (ପୃଷ୍ଠା ୭ରେ)

ତ୍ରୁଟିଶୂନ୍ୟ ଭୋଟର ତାଲିକା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

କେନ୍ଦୁଝର, ୧୫।୬
ନ୍ୟୁଜ୍ ବ୍ୟୁରୋ

ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଜିଲ୍ଲାରେ ଚାଲିଥିବା ‘ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬’ ଅଭିଯାନ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ରାଇକଳା ଗ୍ରାମସ୍ଥିତ ନିଜ ବାସଭବନରେ ଭୋଟର ତାଲିକା ସଂଶୋଧନ ପାଇଁ ଉଦ୍ଦିଷ୍ଟ ପରିଗଣନା ଫର୍ମ ପୂରଣ କରିଛନ୍ତି ।

ରାଇକଳା ବୁଥ୍‌ର ସମ୍ପୃକ୍ତ ବୁଥ୍ ସ୍ତରୀୟ ଅଧିକାରୀ ମୁଖ୍ୟମନ୍ତ୍ରୀଙ୍କୁ ଏହି ଫର୍ମ ପ୍ରଦାନ କରିଥିଲେ । କେନ୍ଦୁଝର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଶାଲ ସିଂହଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ଏହି ସମଗ୍ର ପ୍ରକ୍ରିୟାଟି ବେଶ୍ ସୁରୁଖୁରୁରେ ଶେଷ ହୋଇଛି ।

ଭୋଟର ତାଲିକା ସଂଶୋଧନ ଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଏହି ସକ୍ରିୟ ଭାଗିଦାରୀ ସାଧାରଣ ଜନତାଙ୍କ ମଧ୍ୟରେ ଏକ ସକାରାତ୍ମକ ବାର୍ତ୍ତା ପହଞ୍ଚାଇବ । ଏହା ଦ୍ୱାରା ନାଗରିକମାନେ ନିଜର ଭୋଟର ବିବରଣୀକୁ ସଠିକ୍ ଓ ଅପଡେଟ୍ ରଖିବା ପାଇଁ ଅଧିକ ସଚେତନ ଓ ଅନୁପ୍ରାଣିତ ହେବେ ବୋଲି ଆଶା କରାଯାଉଛି ।

ଶେଷରେ ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ଓ ସ୍ୱଚ୍ଛ କରିବା ପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନ ତରଫରୁ (ପୃଷ୍ଠା ୭ରେ)

୧୮ରୁ ଖୋଲିବ ସ୍କୁଲ୍

ଭୁବନେଶ୍ୱର, ୧୫।୬
ନ୍ୟୁଜ୍ ବ୍ୟୁରୋ

ଗ୍ରୀଷ୍ମଛୁଟିର ଅନ୍ତ ଘଟିବାକୁ ଯାଉଛି । ଆସନ୍ତା ୧୮ ତାରିଖରୁ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ୍ ଗୁଡ଼ିକ ପୁଣିଥରେ ଖୋଲିବ । ଏ ନେଇ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୋମବାର ସୂଚନା ଦେଇଛନ୍ତି । ଦୀର୍ଘ ଦିନର ଖରାଛୁଟି ପରେ ଛାତ୍ରଛାତ୍ରୀମାନେ ପୁଣି ବିଦ୍ୟାଳୟ ମୁହାଁ ହେବେ ଏବଂ ଶ୍ରେଣୀଗୃହରେ ପାଠପଢ଼ା ସ୍ୱାଭାବିକ ରୂପେ ଆରମ୍ଭ ହେବ ।

ମନ୍ତ୍ରୀଙ୍କ ସୂଚନା ଅନୁସାରେ, ସ୍କୁଲ୍ ଖୋଲିବା ପରେ ପିଲାମାନଙ୍କ ସ୍ୱାସ୍ଥ୍ୟ ଏବଂ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ । ଯଦି କେତେକ ଜିଲ୍ଲାରେ (ପୃଷ୍ଠା ୭ରେ)

ୟୁକ୍ରେନ ଉପରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମାଡ଼ କଲା ରଷ

ମସ୍କୋ, ୧୫।୬

ରୁଷ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ଜାରି ରହିଛି । ସୋମବାର ଦିନ ରଷ ୟୁକ୍ରେନ ଉପରେ ବଡ଼ ଧରଣର ଆକ୍ରମଣ କରିଛି ।ରଷ ଆକ୍ରମଣରେ ଖାରକିଭରେ ପାଞ୍ଚ ଜଣ ଉଦ୍ଧାରକାରୀଙ୍କ ମୃତ୍ୟୁ ଘଟିଛି । ରାଜଧାନୀ କିଭରେ ୧୩ ଜଣ ଆହତ ହୋଇଛନ୍ତି । ଏହି ଆକ୍ରମଣ ଯୋଗୁଁ ଦେଶର ଅନେକ କୋଠା ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଧାର୍ମିକ ସ୍ଥଳରେ ଅଗ୍ନିକାଣ୍ଡ ଘଟିଛି ।

ଗୃହମନ୍ତ୍ରୀ ଇହୋର କ୍ଲିମେଙ୍କୋ କହିଛନ୍ତି ଯେ, ଖାରକିଭରେ ଉଦ୍ଧାରକର୍ମୀମାନେ ଆକ୍ରମଣ ଯୋଗୁଁ ଲାଗିଥିବା ନିଆଁ ଲିଭାଉଥିବା ସମୟରେ ଦ୍ୱିତୀୟ ଆକ୍ରମଣ ହୋଇଥିଲା,

ଯେଉଁଥିରେ ସେମାନଙ୍କର ମୃତ୍ୟୁ ହୋଇଥିଲା । କିଭରେ ପ୍ରଥମେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମାଡ଼ ହୋଇଥିଲା ଏବଂ ତା’ପରେ ସାହିଦ ଡ୍ରୋନ୍ ଦ୍ୱାରା ଆକ୍ରମଣ କରାଯାଇଥିଲା । ଫଳରେ ସହରର ବହୁସ୍ଥାନରେ ବିସ୍ଫୋରଣ ଘଟିଥିଲା । ଅନେକ ଲୋକ ବଙ୍କରରେ ଆଶ୍ରୟ ନେଇଛନ୍ତି । କର୍ତ୍ତୃପକ୍ଷ ବାସିନ୍ଦାଙ୍କୁ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାକୁ ଅପିଲ୍ କରିଛନ୍ତି ।

ମୁଖ୍ୟ ଆକ୍ରମଣ କିଭ୍ ଉପରେ ହୋଇଛି । ଫଳରେ ସହରର ଭିତ୍ତିଭୂମିର ବହୁ କ୍ଷତି ହୋଇଛି । କିଭ୍ ସହର ସାମରିକ ପ୍ରଶାସନର ମୁଖ୍ୟ ତୈମୁର ତକାଚେଙ୍କୋ କହିଛନ୍ତି, ରାଜଧାନୀରେ ଜଣେ ଶିଶୁ ସମେତ ୧୩ ଜଣଙ୍କୁ ଚିକିତ୍ସାଲାଗି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସେ କହିଛନ୍ତି, ଶେଭଚେନକିଭସ୍କି ଜିଲ୍ଲାରେ ୩୦ ମିନିଟରୁ କମ୍ ସମୟ ମଧ୍ୟରେ ପାଞ୍ଚଟି ଆକ୍ରମଣ ଘଟିଥିଲା, ଯେଉଁଥିରେ ଏକ ୨୫ ମହଲା ବିଶିଷ୍ଟ ଆବାସିକ କୋଠା, ଏକ ବଜାର ଏବଂ ଏକ ତେଜରାତି ଦୋକାନରେ ନିଆଁ ଲାଗିଯାଇଥିଲା । ଓବୋଲୋନସ୍କି ଜିଲ୍ଲାରେ ଏକ ନଅ ମହଲା ବିଶିଷ୍ଟ ଆବାସିକ (ପୃଷ୍ଠା ୭ରେ)

ଏକାଳ ପଖାଳ

ଆସିବ ଆସିବ ଆସିଲା ଆସିଲା
ଛୁଇଁ ଦେଇ କାହୁଁ ଗଲା ?
ମୌସୁମୀକୁ ନେଇ କଥାଗୁଡା ସବୁ
ଲାଗେ ତୁଚ୍ଛା ମିଛ ପାଲା
ଚାଷବାସକୁ କାଳ ଯେ ହେଲା
ଆପଣା ହସ୍ତେ ଜିହ୍ୱା ଛେଦି ଜନେ
କାହିଁ କର ହୋ ହାଲ୍ଲା !

ରଥଯାତ୍ରା ପୂର୍ବରୁ ଆହ୍ୱନ ମୋଡ୍‌ରେ ପୁଲିସ

ପୁରୀ, ୧୫।୬ : ନ୍ୟୁଜ୍ ବ୍ୟୁରୋ

ଆସନ୍ତା ରଥଯାତ୍ରାକୁ ଦୃଷ୍ଟିରେ ରଖି ପୁରୀ ପୁଲିସ ‘କ୍ଲିନ୍ ସିଟି ଡ୍ରାଇଭ୍’କୁ ଜୋରଦାର କରିଛି । ସହରକୁ ଅପରାଧମୁକ୍ତ ଓ ସୁରକ୍ଷିତ ରଖିବା ପାଇଁ ପୁଲିସ ଆହ୍ୱନ ମୋଡକୁ ଆସିଛି । ଗତ ୨୪ ଘଣ୍ଟା ମଧ୍ୟରେ ୨୩ ଜଣ ଅସାମାଜିକ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ବେଳେ ୮ଟି ମାମଲା ରୁଜୁ ହୋଇଛି ।

ଭକ୍ତଙ୍କୁ ଶୋଷଣ କରୁଥିବା ଅଭିଯୁକ୍ତ ଗିରଫ ସିଂହଦ୍ୱାର ପୁଲିସ ପକ୍ଷରୁ ଦର୍ଶନ କରାଇଦେବା ନାମରେ ଜୋରଜବରଦସ୍ତ ଟଙ୍କା ଆଦାୟ କରୁଥିବା ଅଭିଯୋଗରେ ଜଣକୁ ଗିରଫ କରାଯାଇଛି । ସୂଚନା ଅନୁଯାୟୀ, ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଙ୍କୁ ଶୋଷଣ କରୁଥିବା ବ୍ୟକ୍ତିଙ୍କ ଉପରେ କଡ଼ା ନଜର ରଖାଯାଇଛି । ଚଢ଼ଉ ସମୟରେ ପୁଲିସ ବିପୁଳ ପରିମାଣର ମାରଣାସ୍ତ୍ର ଓ ନିଶାଦ୍ରବ୍ୟ ଜବତ କରିଛି । ପୁଲିସ ୩ଟି ଖଣ୍ଡା, ୪ଟି ଛୁରୀ, ଲୁହା ରଡ, କୋରେକ୍ସ ବୋତଲ ସହ ୭୫୦ ଲିଟରରୁ ଅଧିକ ମଦ ଜବତ କରିଛି ।

ପୁଲିସ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ୩୦୭ ଜଣ ଅସାମାଜିକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି । କୋରେକ୍ସ କାରବାର ପାଇଁ ୧୯ଟି କେସରେ ୨୯ ଜଣଙ୍କୁ ଗିରଫ କରାଯାଇ ୧୬୦୦ରୁ ଅଧିକ ବୋତଲ ଜବତ ହୋଇଛି । ସେହିପରି ବ୍ରାଉନ ସୁଗାର ମାମଲାରେ ୪୭ଟି କେସରେ ୨୮ ଜଣ, ଡ୍ରଙ୍କ (ପୃଷ୍ଠା ୭ରେ)

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ : ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୫।୬
ନ୍ୟୁଜ୍ ବ୍ୟୁରୋ

ଦୁଇ ଦିନର ବ୍ୟବଧାନ ପରେ ପୁଣି ଓଡ଼ିଶାରେ ସକ୍ରିୟ ହୋଇଛି ଦକ୍ଷିଣ- ପଶ୍ଚିମ ମୌସୁମୀ ବାୟୁ । ସୋମବାର ଉପକୂଳ ସହ ଉତ୍ତର ଓଡ଼ିଶା ଏବଂ ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲାକୁ ଛୁଇଁଛି ମୌସୁମୀ । ସେହି

32 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୧୬ ଜୁନ ୨୦୨୬ ମଙ୍ଗଳବାର

ଜିଲ୍ଲା କାର୍ଯ୍ୟାଳୟରେ ଆତ୍ମହତ୍ୟା କରିଥିବା ଯୁବକଙ୍କ ପରିବାରକୁ ସହାୟତା ଦାବି

କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ

ଭାରତୀୟ କମ୍ୟୁନିଷ୍ଟ ପାର୍ଟି କେନ୍ଦ୍ରାପଡା ଶାଖା ତରଫରୁ ଜିଲ୍ଲା କାର୍ଯ୍ୟାଳୟ ଭିତରେ ଆତ୍ମହତ୍ୟା କରିଥିବା ଡେରାବିଶ ବ୍ଲକ ରାଏତୁଣ୍ଡୀ ଗ୍ରାମର ଯୁବକ ଶ୍ରୀଚନ୍ଦନ ଦାସଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବା ପାଇଁ ଦାବି କରାଯାଇଛି । ଏଥିସହିତ ଜିଲ୍ଲାରେ ଆଇନ୍ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ଜିଲ୍ଲାପାଳଙ୍କ ନିକଟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ସାଧାରଣ ସମ୍ପାଦକ ରମଣୀ ରଂଜନ ରାଉତରାୟଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହିତ ବିଚାର ବିଭାଗୀୟ ତଦନ୍ତ ଦାବି କରିବା ସହିତ ଏଥିରେ ସମ୍ପୃକ୍ତ ଥିବା ଦୋଷୀମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ସମ୍ପାଦକ ବିକାଶ ଚନ୍ଦ୍ର ବେହେରା, କେଦାରନାଥ ସାମନ୍ତରାୟ, କମଳଲୋଚନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

୧.୫୦ କୋଟି ବ୍ୟୟରେ ନିର୍ମିତ ଦୈନିକ ବଜାର ଉଦ୍ଘାଟିତ

ପଦ୍ମପୁର, ନ୍ୟୁଜ୍ ବ୍ୟୁରୋ

ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ନିର୍ମିତ ଆଧୁନିକ ଦୈନିକ ବଜାର ବିଧିବଦ୍ଧ ଭାବେ ଉଦ୍‌ଘାଟନ କରାଯାଇଛି । ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ବଜାରର ଉଦ୍‌ଘାଟନ କରିଥିଲେ । ପଦ୍ମପୁର ବିଧାୟିକା ଶ୍ରୀମତୀ ବର୍ଷା ସିଂ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟକ ଯୋଜନା, ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଏବଂ ରାଜସ୍ୱ ହସ୍ତାନ୍ତର ପାଣ୍ଠି ସହାୟତାରେ ପ୍ରାୟ ୧.୫୦ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ନିର୍ମିତ ହୋଇଛି । ଏହି ନୂତନ ବଜାରରେ ବ୍ୟବସାୟୀଙ୍କ ପାଇଁ ୯୦ଟି ସେଲ୍ ର ବ୍ୟବସ୍ଥା ରହିଛି, ଯାହା ଲଟେରୀ ମାଧ୍ୟମରେ ଆବଣ୍ଟନ କରାଯାଇସାରିଛି । ଏଠାରେ ପରିବା ବ୍ୟବସାୟୀ, ଚାଷୀ, କପଡ଼ା ବ୍ୟବସାୟୀ, ବହି ଦୋକାନ ସମେତ ବିଭିନ୍ନ ବ୍ୟବସାୟୀ ନିଜର ବ୍ୟବସାୟ ସୁରୁଖୁରୁରେ କରିପାରିବେ । ଏହି ବଜାର ପରିସରରେ ଶୌଚାଳୟ, ପାନୀୟ ଜଳର ସୁବିଧା, ପାଚେରୀ, ଗେଟ୍ ଏବଂ ସୁରକ୍ଷା ପାଇଁ ସିସିଟିଭି କ୍ୟାମେରା ଭଳି ସୁବିଧା ରହିଛି । ଏହା ସହିତ ବଜାର ପ୍ରାଙ୍ଗଣର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ମଧ୍ୟ କରାଯାଇଛି ।ବର୍ତ୍ତମାନ ସୁଦ୍ଧା ପ୍ରକଳ୍ପର ପ୍ରାୟ ୮୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇଥିବା ବେଳେ ବାକି କାର୍ଯ୍ୟ ଖୁବଶୀଘ୍ର ସମ୍ପୂର୍ଣ୍ଣ ହେବ ବୋଲି ଏନ.ଏ.ସି ପ୍ରଶାସନ ପକ୍ଷରୁ

ସୂଚନା ଦିଆଯାଇଛି । ବଳକା କାର୍ଯ୍ୟରେ ପାର୍କିଂ ସୁବିଧା ଅନ୍ୟତମ । ବ୍ୟବସାୟୀମାନଙ୍କ ପାଇଁ ଏହି ସମସ୍ତ ସୁବିଧା ଉପଲବ୍ଧ କରାଇବା ନିମନ୍ତେ ମାତ୍ର ୧୦ ଟଙ୍କା ଦୈନିକ ଶୁଳ୍କ ଧାର୍ଯ୍ୟ କରାଯାଇଛି । ଉଦ୍‌ଘାଟନ ଅବସରରେ ମାନ୍ୟବର ସାଂସଦ, ବିଧାୟିକା ଏବଂ ଏନ୍‌ଏସି ଅଧ୍ୟକ୍ଷଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ଏନ୍‌ଏସି ଅଧ୍ୟକ୍ଷା ଶ୍ରୀମତୀ ସାବିତ୍ରୀ ବାଗ, ଉପାଧ୍ୟକ୍ଷା ଶ୍ରୀମତୀ ଭାରତୀ ପଟ୍ଟନାୟକ, ଏନ.ଏ.ସି କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ରାମ ଚନ୍ଦ୍ର ମାଝୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନତ ପାଢ଼ୀ, ପୌର ଯନ୍ତ୍ରୀ ରାମ ଚନ୍ଦ୍ର ନାୟକ, ସହାୟକ ଯନ୍ତ୍ରୀ ଅଶୋକ କୁମାର ଭୋଇଙ୍କ ସମେତ ସମସ୍ତ କାଉନସିଲର ତଥା ୱାର୍ଡ ମେମ୍ବରମାନେ ଉପସ୍ଥିତ ଥିଲେ ।

ବିର୍ସା ମୁଣ୍ଡାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଯୁବପିଢିଙ୍କୁ ଆହ୍ୱାନ

ବାରିପଦା ନ୍ୟୁଜ୍ ବ୍ୟୁରୋ

ମୁଣ୍ଡାରୀ ୟୁଟ୍ୟୁବର, ପ୍ରଡ୍ୟୁସର ଏବଂ ଆର୍ଟିଷ୍ଟ ଆସୋସିଏସନ ପକ୍ଷରୁ ବୀର ସହିଦ ଭଗବାନ ବିର୍ସା ମୁଣ୍ଡାଙ୍କ ୧୨୫ତମ ପୁଣ୍ୟତିଥି ସ୍ଥାନୀୟ ପୋଡାଅସ୍ତିଆ ବିର୍ସା ମୁଣ୍ଡା ଛକଠାରେ ପାଳିତ ହୋଇଯାଇଛି । ଏହି ଅବସରରେ ମାଏପାର ସଦସ୍ୟ ମାନେ ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଉପସ୍ଥିତ ବକ୍ତାମାନେ ବିର୍ସା ମୁଣ୍ଡାଙ୍କ ଅଦମ୍ୟ ସାହସ, ତ୍ୟାଗ, ସଂଘର୍ଷ ଓ ଆଦିବାସୀ ସମାଜର ମାନ, ସମ୍ମାନ, ସ୍ୱାଭିମାନ ଏବଂ ଜଳ, ଜଙ୍ଗଲ, ଜମିର ସୁରକ୍ଷା ପାଇଁ ତାଙ୍କ ଐତିହାସିକ ଆନ୍ଦୋଳନକୁ ସ୍ମରଣ କରିଥିଲେ । ଏହି ଅବସର ରେ ବକ୍ତାମାନେ ଭଗବାନ ବିର୍ସା ମୁଣ୍ଡା କେବଳ ଆଦିବାସୀ ସମାଜର ନୁହେଁ, ବରଂ ସମଗ୍ର ଭାରତବର୍ଷର ସ୍ୱାଧୀନତା, ସାମାଜିକ ନ୍ୟାୟ ଓ ସ୍ୱାଭିମାନର ଜଣେ ଅମର ପ୍ରତୀକ । ତାଙ୍କ ଆଦର୍ଶରେ ଆଜିର ଯୁବପିଢ଼ି ଅନୁପ୍ରାଣିତ ହୋଇ ସମାଜରେ ସଚେତନତା, ଶିକ୍ଷା ଓ ସାଂସ୍କୃତିକ ଜାଗରଣ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ମାଏପାର ଫାଉଣ୍ଡର ମେମ୍ବର ରବୀନ୍ଦ୍ର ନାଥ ସିଂ ସାଧାରଣ ସମ୍ପାଦକ ଲକ୍ଷ୍ମୀରାମ ସିଂହ, କୋଷାଧ୍ୟକ୍ଷ ନାଥ ସିଂ, ପ୍ରିଣ୍ଟ ମିଡିଆ ସମ୍ପାଦକ ବାଜି ସିଂ, ଅଭିନେତା ସୁରୁ ସିଂ, ଅଭିନେତା ରବି ସିଂ, ବୁଧୁରାମ ସିଂ, ଆଇଟି ସେଲ ସଦସ୍ୟ ମହେଶ୍ୱର ସିଂଙ୍କ ସମେତ ଅନ୍ୟାନ୍ୟ ସଦସ୍ୟମାନେ ଯୋଗଦେଇ ଭଗବାନ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

ଗୋପ ହାଟର ସମସ୍ୟା ପ୍ରତିକାର ସମ୍ପର୍କରେ ଯୁବ ସ୍ୱାଭିମାନର ଜିଲ୍ଲାପାଳଙ୍କ ସହିତ ଆଲୋଚନା

କେନ୍ଦ୍ରାପଡା , ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ନିୟନ୍ତ୍ରିତ ବଜାର କମିଟି ଅଧିନରେ ଥିବା ଜିଲ୍ଲାର ବ୍ୟବସାୟୀ ପେଣ୍ଠସ୍ଥଳୀ ସାପ୍ତାହିକ ହାଟ ଗୋପ ହାଟର ବିଭିନ୍ନ ସମସ୍ୟା ନେଇ ଟ୍ରଷ୍ଟ ପକ୍ଷରୁ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରାଯାଇଛି । ଟ୍ରଷ୍ଟର ସଭାପତି ସ୍ମୃତି ରଞ୍ଜନ ଜେନାଙ୍କ ନେତୃତ୍ୱରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରାଙ୍କ ଉପସ୍ଥିତିରେ ବଗଡା ସରପଂଚ ସୁବନି ସାହୁ, କାଉନ୍‌ସିଲର୍ ନିରାକାର ସ୍ୱାଇଁ, ଇଂଜିନିୟର ଅକ୍ଷୟ କୁମାର ପାଣି, ସମାଜସେବୀ ଆଦିକନ୍ଦ ରାଉଳ, ବଜାର କମିଟି ସଭାପତି କାହ୍ନୁଆ ଓଝା, ମାନସ ରଞ୍ଜନ ପ୍ରଧାନ, ଅମରେନ୍ଦ୍ର ଦାସ, ମନୋଜ କୁମାର ଓଝା ପ୍ରମୁଖ ଉପସ୍ଥିତ ରହି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ତୁରନ୍ତ ସବିଶେଷ ପ୍ରକଳ୍ପ ବିବରଣୀ ପ୍ରସ୍ତୁତ କରାଯାଇ ବ୍ୟୟ ବରାଦ ସହ ହାଟର ନୂତନ ଗୃହ ନିର୍ମାଣ କରାଯାଉ । ବ୍ୟବସାୟୀ ମାନଙ୍କୁ ରାଜରାସ୍ତା ପରିବର୍ତ୍ତେ ନିୟନ୍ତ୍ରିତ ବଜାର କମିଟିର ନିର୍ଦ୍ଧାରିତ ହାଟସୀମା ପରିସର ମଧ୍ୟରେ ସୀମିତ

ରଖାଯାଉ । ଜାତୀୟ ରାଜପଥରେ ଯାତାୟତ କରୁଥିବା ଟ୍ରକ ଗୁଡିକ ପାଇଁ ନିୟନ୍ତ୍ରିତ ଟ୍ରାଫିକ୍ ଏବଂ ସୁରକ୍ଷା ପାଇଁ ହାଟ ଦିନ ମାନଙ୍କରେ ନିୟମିତ ପୋଲିସ ମୃତୟନ କରାଯାଉ । ହାଟପିଣ୍ଡି ଏବଂ ଦୋକାନ ଗୁଡିକୁ ବେଆଇନ୍ ଜବରଦଖଲ ମୁକ୍ତ କରାଯାଇ ପ୍ରକୃତ ଚାଷୀମାନଙ୍କୁ ଆବଣ୍ଟନ□କରାଯାଉ । ସାଧାରଣ ଲୋକଙ୍କ ସୁବିଧା ପାଇଁ ଗାଡି ପାର୍କିଂ, ହାଟର ଆଲୋକୀକରଣ, ଶୌଚାଳୟ ଏବଂ ପାନୀୟ ଜଳର ବ୍ୟବସ୍ଥା କରାଯିବାକୁ ଟ୍ରଷ୍ଟ ସଭାପତି ଓ ଅନ୍ୟ ବରିଷ୍ଠ ସଦସ୍ୟମାନେ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରି ସମସ୍ୟା ଗୁଡିକୁ ତୁରନ୍ତ ସମାଧାନ କରିବା ପାଇଁ ଦାବିପତ୍ର ପ୍ରଦାନ କରିବା ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀ, ମାନ୍ୟବର ସମାବାୟମନ୍ତ୍ରୀ, ମାନ୍ୟବର କୃଷିମନ୍ତ୍ରୀ, ନିର୍ଦ୍ଦେଶକ ଓଷାମ ବୋର୍ଡ ଓଡିଶାଙ୍କ ନିମନ୍ତେ ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି ।

ଜିଲ୍ଲା କୌଶଳଗତ କାର୍ଯ୍ୟ ଯୋଜନାରେ ବାଲ୍ୟ ବିବାହ ରୋକିବା ପାଇଁ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ଜିଲ୍ଲା ସ୍ତରରେ ବିଭିନ୍ନ ବିଭାଗର ସମନ୍ୱୟରେ ସୁବର୍ଣ୍ଣପୁର ଜିଲ୍ଲାରେ କିପରି ଭାବରେ ବାଲ୍ୟ ବିବାହ ରୋକାଯାଇପାରିବ, ସେ ବିଷୟରେ ଏକ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ସୁବର୍ଣ୍ଣପୁର ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିଲା । କିଶୋରୀ ଗର୍ଭଧାରଣ ଭଳି ଗୁରୁତର ସମସ୍ୟାର ମୁକାବିଲା ପାଇଁ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ୟୁନିସେଫ ଭୁବନେଶ୍ୱରର ସହଯୋଗରେ ଏହି ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ଼. ନୃପରାଜ ସାହୁ ଅଧ୍ୟକ୍ଷତା କରିଥିଲେ । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଏବଂ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳିନା ପ୍ରଧାନଙ୍କ ସହ ୟୁନିସେଫର ସମ୍ବଳ ବ୍ୟକ୍ତି ଘାସିରାମ ପଣ୍ଡା ଶିକ୍ଷା ପ୍ରଦାନ କରିଥିଲେ । ଜିଲ୍ଲାପାଳ ଡ଼. ସାହୁ କହିଥିଲେ ଯେ, ବାଲ୍ୟ ବିବାହ ସମ୍ବନ୍ଧୀୟ ଘଟଣାରେ ଆଇନ ପ୍ରୟୋଗ ସହିତ ମାନବିକ ଦୃଷ୍ଟିକୋଣକୁ ମଧ୍ୟ ସମାନ ଗୁରୁତ୍ୱ ଦେବା ଆବଶ୍ୟକ । ଯଦିଓ ଯୁବକ-ଯୁବତୀଙ୍କ ବୟସ ବିବାହ ପାଇଁ ଅନୁମତିପ୍ରାପ୍ତ ବୟସରେ ପହଞ୍ଚି ନଥାଏ, ସେମାନଙ୍କ ଭାବନା, ପରିବାରର ପରିସ୍ଥିତି ଏବଂ ସେମାନଙ୍କ ଭବିଷ୍ୟତକୁ ବିଚାର କରି ନିଷ୍ପତ୍ତି ନେବା ଉଚିତ । କେବଳ ଆଇନଗତ ପଦକ୍ଷେପ ନୁହେଁ, ବରଂ ସଚେତନତା, ପରାମର୍ଶ ଓ ସମନ୍ୱୟ ମାଧ୍ୟମରେ ସମସ୍ୟାର ସ୍ଥାୟୀ ସମାଧାନ ସମ୍ଭବ ବୋଲି ସେ ମତ ପ୍ରକାଶ କରିଥିଲେ । ସୂଚନାଯୋଗ୍ୟ ଯେ, ଗତ ଚାରି ବର୍ଷ ମଧ୍ୟରେ ସୁବର୍ଣ୍ଣପୁର ଜିଲ୍ଲାରେ ୧୦୧ଟି ବାଲ୍ୟ ବିବାହକୁ ରୋକାଯାଇଛି ଏବଂ ୧,୪୫୫ଟି ଗ୍ରାମକୁ ବାଲ୍ୟ ବିବାହମୁକ୍ତ ଗ୍ରାମ ଭାବେ ଘୋଷଣା କରାଯାଇଛି । ଜିଲ୍ଲାରେ ଶିଶୁମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଟାସ୍କ ଫୋର୍ସ ଗଠନ କରାଯାଇଥିବା ବେଳେ, ପ୍ରତ୍ୟେକ ଜିଲ୍ଲା ପରି ସୁବର୍ଣ୍ଣପୁରରେ ମଧ୍ୟ ମହିଳା ସଶକ୍ତିକରଣ କେନ୍ଦ୍ରଗୁଡ଼ିକୁ ପ୍ରୋତ୍ସାହନ ଦିଆଯାଉଛି । ବୈଠକରେ କିଶୋରୀ ଗର୍ଭଧାରଣ ହାର ହ୍ରାସ କରିବା ଏବଂ ଜିଲ୍ଲାର କିଶୋରୀମାନଙ୍କ ସାମଗ୍ରିକ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ବ୍ୟାପକ କୌଶଳ ଉପରେ ଆଲୋଚନା କରାଯାଇଥିଲା । ପ୍ରମୁଖ ପଦକ୍ଷେପଗୁଡ଼ିକ ମଧ୍ୟରେ ସମୁଦାୟ ସ୍ତରରେ ସଚେତନତା ବୃଦ୍ଧି, ପାଠପଢ଼ା ଛାଡ଼ିବା ଘଟଣାକୁ ରୋକିବା ଏବଂ କିଶୋରୀମାନଙ୍କ ସଶକ୍ତିକରଣ ପାଇଁ 'ଅଦ୍ୱିକା' ଯୋଜନାର ପ୍ରଭାବଶାଳୀ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ବହୁ-ବିଭାଗୀୟ ପ୍ରୟାସ ଜିଲ୍ଲାର ଯୁବପିଢ଼ୀ ପାଇଁ ଏକ ସୁରକ୍ଷିତ ଓ ସୁସ୍ଥ ଭବିଷ୍ୟତ ଗଢ଼ି ତୋଳିବ ବୋଲି କାର୍ଯ୍ୟକ୍ରମରେ ଆଶା ପ୍ରକାଶ ପାଇଥିଲା । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ବିଣାପାଣି ମିଶ୍ର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ, ଶିକ୍ଷା ବିଭାଗ, ଶ୍ରମ ବିଭାଗ, ନିଯୁକ୍ତି ବିନିମୟ, ସଂସ୍କୃତି ବିଭାଗ, ଦକ୍ଷତା ବିକାଶ ବିଭାଗ, ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ, ଜିଲ୍ଲା କ୍ରୀଡ଼ା ଏବଂ ଯୁବ ସେବା ବିଭାଗ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ ।

ପ୍ରଶାସନର ପ୍ରତିଶ୍ରୁତି ପରେ ଆମରଣ ଅନଶନ ପ୍ରତ୍ୟାହୃତ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ଜମିଜମା ମାମଲାରେ ନ୍ୟାୟ ପ୍ରଦାନ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଶନିବାର ଠାରୁ ଆମରଣ ଅନଶନ କରିଥିବା ଟୁଟୁସିଙ୍ଗା ଗ୍ରାମର ପ୍ରମୋଦ କୁମାର ପ୍ରଧାନ ପ୍ରଶାସନର ପ୍ରତିଶ୍ରୁତି ପରେ ଦିନ ୨ଟାରେ ଅନଶନ ପ୍ରତ୍ୟାହାର କରିଛି । ମିଳିଥିବା ସୂଚନା ଅନୁଯାୟୀ ଅନଶନକାରୀ ଶ୍ରୀ ପ୍ରଧାନ ଟୁଟୁସିଙ୍ଗା ମୌଜାର ଖାତା ନଂ ୩୦୩, ପ୍ଲଟ ନଂ ୧୧୧୯ରେ ଥିବା ୨ ଏକର ୧୩ ଡିସିମିଲ ଜମି ବହୁ ବର୍ଷରୁ ନିଜ ଦଖଲରେ ରଖି ଆସିଥିଲେ ଓ ଜମି ମାଲିକଙ୍କ ସହ ବୌଦ୍ଧର ବରିଷ୍ଠ ସିଭିଲ୍ ଜଜ୍‌ଙ୍କ ଅଦାଲତରେ ଚାଲିଥିବା ମୋକଦ୍ଦମା ବିଚାରାଧିନ ରହିଛି । ତା ସତ୍ତ୍ୱେ ବୌଦ୍ଧ ଉପ ଜିଲ୍ଲାପାଳ ବେଆଇନ ଭାବରେ ପ୍ରମୋଦ କୁମାର ପ୍ରଧାନଙ୍କ ପରିବାରକୁ ବେଦଖଲ କରାଇ ବିରୋଧୀ ପକ୍ଷ ବିଶାଳ ଭ୍ୟାସଙ୍କୁ ଦଖଲ୍ ମଡାଇଥିବା ଶ୍ରୀ ପ୍ରଧାନ ଅଭିଯୋଗ କରି ଦୁଇ ଦିନ ହେଲା ଆମରଣ ଅନଶନରେ ବସିଥିଲେ । ଅଭିଯୋଗର ନ୍ୟାୟ ପ୍ରଦାନର ପ୍ରତିଶ୍ରୁତି ପାଇବାପରେ ଜିଲ୍ଲା ପ୍ରଶାସନ ଓ ବୌଦ୍ଧ ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନଙ୍କ ଅନୁରୋଧ କ୍ରମେ ଆଜି ପଇଡ ପାଣି ପିଇ ଶ୍ରୀ ପ୍ରଧାନ ଆମରଣ ଅନଶନ ଭଙ୍ଗ କରିଥିବା ସୂଚନା ମିଳିଛି ।

ପ୍ରତି ଗାଁ ପ୍ରତି ଘରକୁ ଯୋଗର ବାର୍ତ୍ତା ପହଞ୍ଚାଇବାକୁ ପରାମର୍ଶ ଦେଲେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ଜିଲ୍ଲାର ସଦର ମହକୁମାର ସ୍ମାର୍ଟ ପାର୍କ ଠାରେ ପତଞ୍ଜଳି ଜିଲ୍ଲା ଯୋଗ ପରିବାର, ଆୟୁଷ ମନ୍ତ୍ରଣାଳୟ ଭାରତ ଓ ଦିବ୍ୟ ଉର୍ଜା ଯୋଗ ସେବା ସମିତି ର ମିଳିତ ଆନୁକୂଲ୍ୟରେ ଏକ ଦିବସୀୟ ଯୋଗ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି । ଆଗାମୀ ବିଶ୍ୱ ଯୋଗ ଦିବସକୁ ସବୁ ବର୍ଗର ଲୋକ ଙ୍କୁ ରେକର୍ଡ ସଂଖ୍ୟା ରେ ଯୋଡ଼ି ମହା ସମାରୋହ ରେ ପାଳନ କରିବାକୁ ଓ ଏହାକୁ ବ୍ୟାପକ କରିବାକୁ ଏହି ଉତ୍ସବ ରେ ଯୋଜନା ପ୍ରସ୍ତୁତି କରାଯାଇଛି । ଏହି ପ୍ରଶିକ୍ଷଣ ଶିବିର ଜୁନ୍ ୨୧ ରେ ପାଳନ ହେବାକୁ ଥିବା ବିଶ୍ୱ ଯୋଗ ଦିବସ ପାଇଁ ଏଇ ପ୍ରସ୍ତୁତି ବୈଠକ ରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବୀର ମହାରାଜ ବିଧାୟକ ଇଂ ରଘୁନାଥ ଜଗଦଲା ଉପସ୍ଥିତ ରହି ନିଜର ଜୀବନକୁ ସୁନ୍ଦର ଓ ସ୍ୱାସ୍ଥ୍ୟବାନ ହେବାକୁ ପ୍ରତି ବ୍ୟକ୍ତି ପ୍ରତି ଦିନ ଯୋଗ ପ୍ରାଣାୟମ ଆପଣେଇବାକୁ ପଡିବ ବୋଲି କହିଥିଲେ । ଜୁନ ୨୧ ଆଗାମୀ ବିଶ୍ୱ ଯୋଗ ଦିବସ କୁ ଭବ୍ୟ ଓ ଯୋଗମୟ ଜିଲ୍ଲା କରିବାକୁ ସମସ୍ତ ଙ୍କୁ ଅନୁରୋଧ କରିଥିଲେ । ସମ୍ମାନିତ ଅତିଥି ଭାବରେ ଜିଲ୍ଲା କ୍ରୀଡା ଅଧିକାରୀ ଚିତ୍ତ ରଞ୍ଜନ ମିଶ୍ର ପ୍ରତି ଯୁବ ବର୍ଗ ଙ୍କୁ ଯୋଗରେ ଯୋଡିବାକୁ ପରାମର୍ଶ କରିଥିଲେ । ସଭା ଶେଷରେ ଶ୍ରୀ ଗୋପାଳ ଜି ଯୋଗାଳୟ ର ବରିଷ୍ଠ ଯୋଗୀ ନିରଞ୍ଜନ ତ୍ରିପାଠୀ ଯୋଗ ର ପ୍ରଚାର ପ୍ରସାରର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଶେଷରେ ଦିବ୍ୟ ଉର୍ଜା ଯୋଗ ସମିତି ଓ ଦିବ୍ୟ ଶକ୍ତି ମହିଳା ଯୋଗ ସମିତି ତରଫରୁ ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀ ଜଗଦଲାଙ୍କୁ ନୂତନ ଯୋଗ ମଣ୍ଡପ ପ୍ରତିଷ୍ଠା ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ସୁବର୍ଣ୍ଣପୁର ଜିଲ୍ଲାର ମୁଖ୍ୟ ଯୋଗ ପ୍ରଶିକ୍ଷକ ତଥା ସମାଜ ସଂସ୍କାରକ ଶ୍ରୀ ମନୋଜ ପଣ୍ଡା, ଯୋଗ ସାଧିକା ଅର୍ଚ୍ଚନା ମିଶ୍ର ଓ ଦେବ ରଞ୍ଜନ ତ୍ରିପାଠୀ ସମସ୍ତଙ୍କୁ ଯୋଗ ପ୍ରୋଟୋକଲ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ କୁ ଦିବ୍ୟ ଉର୍ଜା ଯୋଗ ସମିତି ସଂପାଦକ ଶ୍ରୀବନ୍ତ ମିଶ୍ର, ଜ୍ଞାନ ରଞ୍ଜନ ମିଶ୍ର, ମନ ରଞ୍ଜନ ମିଶ୍ର, ପର୍ଶୁରାମ ବଡ଼ମାଳୀ, ଉମାକାନ୍ତ ମେହେର, ଆରତୀ ଖମାରୀ, ରୁକ୍ମିଣୀ ମେହେର ପ୍ରମୁଖ ସହଯୋଗ କରିଥିଲେ । ଯୋଗ ସମିତିର ସମସ୍ତ କାର୍ଯ୍ୟକର୍ତ୍ତା ଏହି କାର୍ଯ୍ୟକ୍ରମ ରେ ଯୋଗ ପ୍ରଶିକ୍ଷଣ ନେଇଥିବା ବେଳେ ମହିଳା ଯୋଗ ସମିତିର ଯୋଗ ସଂଯୋଜିକା ଅନିତା ମେହେର ଓ ଲକ୍ଷ୍ମୀ ପ୍ରିୟା ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

'ଉଲ୍ଲାସ'କୁ ସୁଦୂର ପ୍ରସାରୀ ପାଇଁ ଜିଲ୍ଲା ଶିକ୍ଷା ବିଭାଗ ଓ ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ

32 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୧୬ ଜୁନ୍ ୨୦୨୬ ମଙ୍ଗଳବାର

କୋଠଘର ତରଫରୁ ଲକ୍ଷ୍ମୀ ଚାନ୍ଦ୍ ଏବଂ ଲକ୍ଷ୍ମୀକାନ୍ତ ଖୁଣ୍ଟିଆ ସମ୍ବର୍ଦ୍ଧିତ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ରବିବାର ସକାଳ ୧୧ଟାରେ ଗୀତ ଗୋବିନ୍ଦ ସଦନ ଠାରେ କୋଠଘର ଆମ ସାହିତ୍ୟ ପରିବାରର ଅଷ୍ଟମ ବାର୍ଷିକୋତ୍ସବରେ କବିତା ପାଠୋତ୍ସବ ସହ କିଛି ବିଶିଷ୍ଟ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବିତାରେ ରକ୍ଷକ ନାୟକ, ଗଳ୍ପରେ ଲକ୍ଷ୍ମୀ ଚାନ୍ଦ୍, ଶିଶୁ ସାହିତ୍ୟରେ ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ଗୀତି କବିତାରେ ସବିତା ରାଣୀ ବେହେରା, ପ୍ରବନ୍ଧରେ ବିଷ୍ଣୁ ପ୍ରସାଦ ଦାସ ଏବଂ ଲୀନା ଶତପଥୀ, ଡ. ଶଶୀଭୂଷଣ ମହାପାତ୍ର ତଥା ସୁଜାତା ସାହୁଙ୍କୁ କୋଠଘର ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। କୋଠଘରର ସମ୍ପାଦିକା ଅମ୍ବିକା ସ୍ୱାଇଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର, ହିରଣ୍ମୟୀ ମିଶ୍ର, କଣ୍ଠଶିଳ୍ପୀ ଶୈଳଭାମା ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ସୁସାହିତ୍ୟିକା, ଯୁଗ୍ମ ସଚିବ, ମିଶନ ଶକ୍ତି ମମତା ବାରିକ ସଭାପତିତ୍ୱ କରିଥିଲେ। ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରୁ କବିମାନେ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ ।

ଜିଲ୍ଲାପାଳଙ୍କୁ ଭେଟିଲେ ତିଖିରି ସରପଞ୍ଚଙ୍କ ମା'

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ଅନ୍ତର୍ଗତ ତିଖିରି ପଞ୍ଚାୟତର ସରପଞ୍ଚ ଚମେଲି ଓଝାଙ୍କୁ ପୋଲିସ୍ ଜୋର୍ ଜବରଦସ୍ତ ମୁଖ୍ୟ ଚିକିତ୍ସାଳୟରୁ ଉଠାଇ ନେଇଥିବା ଅଭିଯୋଗ କରି ତାଙ୍କ ମା' ଭାରତୀ ଓଝା ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଗତ ୧୧ ତାରିଖ ଦିନ ଅସୁସ୍ଥ ଅବସ୍ଥାରେ ସରପଞ୍ଚ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିଲେ। ସେହିଦିନ ଠାରୁ ତାଙ୍କ ମା' ତାଙ୍କ ସାଙ୍ଗରେ ରହି ତାଙ୍କର ଦେଖାଶୁଣା କରୁଥିଲେ। ଶନିବାର ଦିନ ୧୦ଟା ସମୟରେ ପୋଲିସ୍ ଆସି ତାଙ୍କ ଝିଅକୁ ସଂଜ୍ଞାହୀନ ଅବସ୍ଥାରେ ମୋତେ ଠେଲାଠେଲି କରି ଉଠାଇନେଲେ। ଉକ୍ତ ସମୟରୁ ସେ ସଂଜ୍ଞାହୀନ ଥିବାବେଳେ ତାଙ୍କ ହାତରୁ ରକ୍ତ ବାହାରୁଥିଲା ବୋଲି ଚମେଲିଙ୍କ ମା' ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଅଭିଯୋଗ କରିଛନ୍ତି ଏବଂ ତାଙ୍କ ଝିଅ ସରପଞ୍ଚ ଚମେଲି ଓଝାଙ୍କୁ ତାଙ୍କୁ ଦେଖା କରିବା ସହ ତାଙ୍କୁ ଫେରାଇ ଦେବାକୁ ଦାବି କରିଛନ୍ତି।

ରାଇକଳାରେ 'ଏସ୍‌ଆଇଆର୍'ରେ ସାମିଲ୍ ହେଲେ ମୁଖ୍ୟମନ୍ତ୍ରୀ

କେନ୍ଦୁଝର, ନ୍ୟୁଜ୍

ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଜିଲ୍ଲାରେ ଚାଲିଥିବା 'ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬' ଅଭିଯାନ ଆଜି ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ରାଇକଳା ଗ୍ରାମ ସ୍ଥିତ ନିଜ ବାସଭବନରେ ଭୋଟର ତାଲିକା ସଂଶୋଧନ ପାଇଁ ଉଦ୍ଦିଷ୍ଟ ପରିଗଣନା ଫର୍ମ ପୂରଣ କରିଛନ୍ତି। ରାଇକଳା ବୁଥ୍‌ର ସମ୍ପୃକ୍ତ ବୁଥ୍ ସ୍ତରୀୟ ଅଧିକାରୀ ବିଏଲ୍‌ଓ ମୁଖ୍ୟମନ୍ତ୍ରୀଙ୍କୁ ଏହି ଫର୍ମ ପ୍ରଦାନ କରିଥିଲେ। କେନ୍ଦୁଝର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ବିଶାଲ ସିଂହଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ଏହି ସମଗ୍ର ପ୍ରକ୍ରିୟାଟି ବେଶ୍ ସୁରୁଖୁରୁରେ ଶେଷ ହୋଇଛି। ଭୋଟର ତାଲିକା ସଂଶୋଧନ ଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ମୁଖ୍ୟମନ୍ତ୍ରୀଙ୍କ ଏହି ସକ୍ରିୟ ଭାଗିଦାରୀ ସାଧାରଣ ଜନତାଙ୍କ ମଧ୍ୟରେ ଏକ ସକାରାତ୍ମକ ବାର୍ତ୍ତା ପହଞ୍ଚାଇବ। ଏହାଦ୍ୱାରା ନାଗରିକମାନେ ନିଜର ଭୋଟର ବିବରଣୀକୁ ସଠିକ୍ ଓ ଅପ୍‌ଡେଟ୍ (ସଦ୍ୟତନ) ରଖିବା ପାଇଁ ଅଧିକ ସଚେତନ ଓ ଅନୁପ୍ରାଣିତ ହେବେ ବୋଲି ଆଶା କରାଯାଉଛି। ଶେଷରେ, ଭୋଟର ତାଲିକାକୁ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ଓ ସ୍ୱଚ୍ଛ କରିବା ପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ଯୋଗ୍ୟ ଭୋଟରଙ୍କୁ ଏହି ଅଭିଯାନରେ ସାମିଲ ହେବାକୁ ଅନୁରୋଧ କରାଯାଇଥିବା ବେଳେ ଏଥିସହିତ ସଂଶୋଧନ ପ୍ରକ୍ରିୟା ସମୟରେ ଘରକୁ ଘର ବୁଲୁଥିବା ବିଏଲ୍‌ଓମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ପ୍ରଶାସନ ସମସ୍ତଙ୍କୁ ନିବେଦନ କରିଥିବାର ଜଣାପଡିଛି।

ରକ୍ତଦାନ ମାଧ୍ୟମରେ ମାନବିକତାର ବାର୍ତ୍ତା:ସମ୍ମାନିତ ହେଲେ ନିୟମିତ ରକ୍ତଦାତା

ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ

ରକ୍ତର କୌଣସି ବିକଳ୍ପ ନାହିଁ। ଜଣେ ସୁସ୍ଥ ବ୍ୟକ୍ତିଙ୍କ ଦ୍ୱାରା ଦିଆଯାଇଥିବା ଏକ ୟୁନିଟ୍ ରକ୍ତ ଅନ୍ୟ ଜଣଙ୍କ ଜୀବନରେ ନୂତନ ଆଶା ସଞ୍ଚାର କରିପାରେ। ଏହି ମହାନ ସନ୍ଦେଶକୁ ନେଇ ଖୋରଧାରେ ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ କେବଳ ରକ୍ତଦାନର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିନଥିଲା ବରଂ ସମାଜ ପାଇଁ ନିରନ୍ତର ସେବା କରୁଥିବା ସ୍ୱେଚ୍ଛାସେବୀ ରକ୍ତଦାତାଙ୍କ ଅବଦାନକୁ ମଧ୍ୟ ସମ୍ମାନ ଜଣାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଓଡ଼ିଶା ରକ୍ତ କେନ୍ଦ୍ରରେ ସକାଳୁ ଉତ୍ସାହପୂର୍ଣ୍ଣ ପରିବେଶ ଦେଖିବାକୁ ମିଳିଥିଲା। ରକ୍ତଦାତା, ସ୍ୱାସ୍ଥ୍ୟକର୍ମୀ, ଡାକ୍ତର, ସାମାଜିକ କର୍ମୀ ଏବଂ ବିଭିନ୍ନ ସଂଗଠନର ପ୍ରତିନିଧିମାନେ ଏକତ୍ରିତ ହୋଇ ରକ୍ତଦାନର ମହତ୍ତ୍ୱକୁ ନେଇ ଆଲୋଚନା କରିଥିଲେ। ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ଜୟ ନାରାୟଣ ପାଢ଼ୀ ଆନୁଷ୍ଠାନିକ ଭାବେ ଖୋରଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରେ ନୂତନ ଭାବରେ ନିର୍ମିତ ଓଡ଼ିଶା ରକ୍ତ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ପରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ବିଭାଗର ସମ୍ମିଳନୀ କକ୍ଷରେ ଏକ ସଭାର ଆୟୋଜନ କରାଯାଇଥିଲା। ସଭାରେ ଉଦ୍‌ବୋଧନ ଦେଇ ଡାକ୍ତର ଜୟ ନାରାୟଣ ପାଢ଼ୀ କହିଥିଲେ ଯେ ବିଶ୍ୱ ରକ୍ତଦାତା ଦିବସ ସମଗ୍ର ବିଶ୍ୱର ସେହି ନିଷ୍କାମ ରକ୍ତଦାତାଙ୍କୁ ସମ୍ମାନ ଜଣାଇବାର ଦିନ, ଯେଉଁମାନେ କୌଣସି ସ୍ୱାର୍ଥ ନରଖି ଅନ୍ୟର ଜୀବନ ବଞ୍ଚାଇବା ପାଇଁ ଆଗେଇ ଆସନ୍ତି। ସେ କହିଥିଲେ ଯେ, ଆଧୁନିକ ଚିକିତ୍ସା ବିଜ୍ଞାନ ଅନେକ କ୍ଷେତ୍ରରେ ସଫଳତା ହାସଲ କରିଥିଲେ ମଧ୍ୟ ମାନବ ରକ୍ତର ବିକଳ୍ପ ଆଜି ପର୍ଯ୍ୟନ୍ତ ଉଦ୍ଭାବନ କରିପାରିନାହିଁ। ତେଣୁ ରକ୍ତଦାନ ହିଁ ଜୀବନ ରକ୍ଷାର ଏକମାତ୍ର ଉପାୟ। ସେ ଆହୁରି କହିଥିଲେ, ଜଣେ ବ୍ୟକ୍ତି ଦାନ କରୁଥିବା ଏକ ୟୁନିଟ୍ ରକ୍ତକୁ ରେଡ୍ ବ୍ଲଡ ସେଲ୍, ପ୍ଲାଜମା, ପ୍ଲେଟ୍‌ଲେଟ୍ ଓ କ୍ରାୟୋପ୍ରେସିପିଟେଟ୍ ପରି ବିଭିନ୍ନ ଉପାଦାନରେ ବିଭକ୍ତ କରାଯାଇପାରେ। ଫଳରେ ସେହି ଏକ ୟୁନିଟ୍ ରକ୍ତ ତିନିରୁ ଚାରିଜଣ ପର୍ଯ୍ୟନ୍ତ ରୋଗୀଙ୍କ ଜୀବନ ରକ୍ଷାରେ ସହାୟକ ହୋଇଥାଏ। ସଡ଼କ ଦୁର୍ଘଟଣା, ପ୍ରସୂତି ଜନିତ ଜଟିଳତା, କ୍ୟାନ୍ସର, ଥାଲାସେମିଆ ଓ ବିଭିନ୍ନ ଗୁରୁତର ଅସ୍ତ୍ରୋପଚାର ସମୟରେ ରକ୍ତର ଆବଶ୍ୟକତା ଅତ୍ୟନ୍ତ ବେଶି ରହିଥାଏ। ଏହି ଆବଶ୍ୟକତା ପୂରଣ ପାଇଁ ସମାଜର ପ୍ରତ୍ୟେକ ସଚେତନ ନାଗରିକ ଆଗକୁ ଆସିବା ଦରକାର ବୋଲି ସେ ଆହ୍ୱାନ ଜଣାଇଥିଲେ। କାର୍ଯ୍ୟକ୍ରମର ଏକ ଆକର୍ଷଣୀୟ ଅଂଶ ଥିଲା ନିୟମିତ ରକ୍ତଦାତାଙ୍କ ସମ୍ମାନ ପ୍ରଦାନ ଉତ୍ସବ। ଦୀର୍ଘ ବର୍ଷ ଧରି ରକ୍ତଦାନ କରି ଅନେକ ଅସହାୟ ରୋଗୀଙ୍କ ଜୀବନ ରକ୍ଷାରେ ସହଯୋଗ କରିଥିବା ରକ୍ତଦାତା ଦିଲ୍ଲୀପ କୁମାର ପଟ୍ଟନାୟକ, ପ୍ରସନ୍ନ କୁମାର ପାଇକରାୟ, ପ୍ରଭାତ କୁମାର ପାଣିଗ୍ରାହୀ, ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ଶୁଭକାନ୍ତ ମହାପାତ୍ର, ଦୁର୍ଗା ପ୍ରସାଦ ଷଡ଼ଙ୍ଗୀ, ନିମେଇ ମହାରଣା ଓ ଅନ୍ୟ ସ୍ୱେଚ୍ଛାସେବୀ ରକ୍ତଦାତାଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସେମାନଙ୍କ ନିଷ୍ଠା, ସମର୍ପଣ ଏବଂ ମାନବିକତା ପାଇଁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ବିଶ୍ୱ ରକ୍ତଦାତା ଦିବସ ଅବସରରେ ଖୋରଧାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ମାନବିକତା, ସେବା ଓ ସାମାଜିକ ଦାୟିତ୍ୱବୋଧର ଏକ ଉଜ୍ଜ୍ୱଳ ଉଦାହରଣ ପାଲଟିଥିବା ବେଳେ "ରକ୍ତଦାନ ମହାଦାନ" ବାର୍ତ୍ତାକୁ ସମାଜରେ ଆହୁରି ଦୃଢ଼ କରିଛି। ଏକ ବୁନ୍ଦା ରକ୍ତ କପର ଏକ ଜୀବନ ବଞ୍ଚାଇପାରେ, ତାହାର ଜୀବନ୍ତ ଉଦାହରଣ ହୋଇ ରହିଛନ୍ତି ଏହି ସ୍ୱେଚ୍ଛାସେବୀ ରକ୍ତଦାତାମାନେ।

ଗୌରବମୟ ଭବିଷ୍ୟତ ପାଇଁ ଆଗକୁ ଆସନ୍ତୁ

କଟକ, ନ୍ୟୁଜ୍ ବ୍ୟୁରୋ

ଚୌଦ୍ୱାର ସହରର ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ହୋଇଥିଲା। ସେଥିମଧ୍ୟରୁ କିଛି କାମ ସରିଥିଲେ ମଧ୍ୟ ଅନ୍ୟ କିଛି ପ୍ରକଳ୍ପ ଆରମ୍ଭ ହେବାର ୧୨ବର୍ଷ ବିତିଯାଇଥିଲେ ବି କାମ ଶେଷ ହୋଇନାହିଁ। ଯାହାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବ ସରକାର ବିରୂପା ନଦୀର ଅଂଶ ମାଗୁରା ଠାରେ ପାର୍କ ଓ ନୌକା ବିହାର ପ୍ରକଳ୍ପ କାମ ଆରମ୍ଭ କରିଥିଲେ। କାମକୁ ଓଟିଡିସି ହାତକୁ ନେଇ ୧ କୋଟି ୬୫ ଲକ୍ଷ ବ୍ୟୟରେ କାର୍ଯ୍ୟ କରୁଛି। ଦୀର୍ଘ ବର୍ଷ ହେବ ଏହି ପ୍ରକଳ୍ପ ସହିତ ମିନି ଷ୍ଟାଡିୟମ୍ କାମ ଶେଷ ହୋଇନାହିଁ। ଏହାସହିତ ବିଭିନ୍ନ ୱାର୍ଡରେ ୬ରୁ ଅଧିକ ଶୌଚାଳୟ ନିର୍ମାଣ କାମ ଆରମ୍ଭ ହୋଇ ଅଧାରେ ପଡିରହିଛି। ତେବେ ଏନେଇ ପୌର ନିର୍ବାହୀ ଅଧିକାରୀ କହିଛନ୍ତି ଏସବୁ ପ୍ରକଳ୍ପ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରାଯିବ ।

ବେଆଇନ୍ ବାଲି ବୋଝେଇ ଗାଡ଼ି ଜବତ

ରାଇଘର, ନ୍ୟୁଜ୍ ବ୍ୟୁରୋ

ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକରେ ଚୋରା ବାଲି ବେପାରୀଙ୍କ ପ୍ରାଦୁର୍ଭାବ ବଢିବାରେ ଲାଗିଥିବା ବେଳେ ଏହା ଉପରେ ଶକ୍ତ ପ୍ରହାର କରିଛନ୍ତି ରାଇଘର ତହସିଲଦାର। ଆକ୍ସନ୍ ମୋଡ୍‌ରେ ରାଇଘର ତହସିଲଦାର ମନମୋହନ ସାହୁ। ବେଆଇନ୍ ବାଲି ଉତ୍ତୋଳନ ଓ ଚୋରାଚାଲାଣ ରୋକିବା ପାଇଁ ପ୍ରଶାସନ ପକ୍ଷରୁ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପଡୋଶୀ ରାଜ୍ୟ ଛତିଶଗଡ଼ରୁ ବହୁ ମାତ୍ରାରେ ବାଲି ଆସୁଥିବା ବେଳେ ସୂଚନା ଅନୁସାରେ ରାଇଘର ତହସିଲଦାର ମନମୋହନ ସାହୁ ଶନିବାର ଅପରାହ୍ନ ୪ଟା ସମୟରେ ଶବ ବ୍ୟବଚ୍ଛେଦ ଗୃହ ନିକଟରେ ବାଲି ବୋଝେଇ ଦୁଇଟି ହାଇୱା ଗାଡି ବେଆଇନ୍ ଭାବେ ବାଲି ଚାଲାଣ କରୁଥିବା ବେଳେ ଜବତ କରିଥିବା ଜଣାପଡିଛି। ଦୁଇଟା ହାଇୱା ଗାଡ଼ିକୁ ତିନି ତିନି ଲକ୍ଷର ଫାଇନ୍ ଲାଗିଥିବା ବେଳେ ହାଇୱା ଗାଡ଼ି ଦୁଇଟି ରାଇଘର ଥାନାରେ ଅଟକ ରହିଛି। ବାଲି ମାଫିଆମାନେ ଦିନ ରାତି ଛତିଶଗଡରୁ ଆଣି ଗଚ୍ଛିତ ଭାବରେ ରଖି ତାହାକୁ ଗରିବ ଖଟିଖିଆ ଲୋକକୁ ଚଢା ଦରରେ ବିକ୍ରୀ କରୁଥିବା ଦେଖିବାକୁ ମିଳୁଛି। କେତେକ ସରକାରୀ କର୍ମଚାରୀମାନେ ମଧ୍ୟ ଏହି ବ୍ୟବସାୟରେ ଜଡିତ ଥିବା ସାଧାରଣରେ ଚର୍ଚ୍ଚା ଜୋର୍ ଧରିଥିବା ଦେଖିବାକୁ ମିଳିଛି ।

ବୌଦ୍ଧ-କଣ୍ଧମାଳ ନିର୍ବାଚନ ମଣ୍ଡଳୀ ସୀମାନ୍ତ ଇଲାକାରେ ସ୍ଥିତି ଅନୁଧ୍ୟାନ କଲେ ମନ୍ତ୍ରୀ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ପଞ୍ଚାୟତିରାଜ ତଥା ପାନୀୟ ଜଳ ବିଭାଗର ମନ୍ତ୍ରୀ ରବିନାରାୟଣ ନାୟକ ଦିନିକିଆ ବୌଦ୍ଧ ଜିଲ୍ଲା ଗସ୍ତରେ ଆସି ବୌଦ୍ଧ ଓ କଣ୍ଧମାଳ ନିର୍ବାଚନ ମଣ୍ଡଳୀର ମଧ୍ୟବର୍ତ୍ତୀ ଅଞ୍ଚଳ ବୁଲି ବାସ୍ତବ ସ୍ଥିତି ପରଖିଥିଲେ । ମୁଣ୍ଡିପଦର ପଞ୍ଚାୟତର ହରିପୁର ଗ୍ରାମ, ମୁଣ୍ଡାପଡା ସଦର ଓ ବ୍ରାହ୍ମଣୀପାଲି ପଞ୍ଚାୟତର ଗୌଡ଼ ଦୃମାଲ ଗ୍ରାମରେ ମନ୍ତ୍ରୀ ଶ୍ରୀ ନାଏକଙ୍କ ସହ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, କଣ୍ଧମାଳ ବିଧାୟକ ତଥା ଜିଲ୍ଲା ଯୋଜନାବୋର୍ଡ ଅଧ୍ୟକ୍ଷ କହ୍ନାଇ ଚରଣ ଡାଙ୍ଗ, ଜିଲ୍ଲାପାଳ ବିଭୁତି ଭୂଷଣ ନାଏକ ପ୍ରମୁଖ ଗ୍ରାମ୍ୟ ଜଳ ଯୋଗାଣ ଅଧିକାରୀ ଓ ଠିକା ସଂସ୍ଥାର ଉପସ୍ଥିତିରେ ସ୍ଥିତି ଅନୁଧ୍ୟାନ କରିଥିଲେ । ଏସବୁ ଗ୍ରାମକୁ ଠିକା ସଂସ୍ଥା ପାନୀୟ ଜଳ ଯୋଗାଣ ହେଉଥିବା ନେଇ କାଗଜ ପତ୍ରରେ ଦର୍ଶାଇଥିବା ବେଳେ ଖୋଦ୍ ବିଭାଗୀୟ ମନ୍ତ୍ରୀ ଓ ଉଭୟ ବିଧାୟକ ଏଭଳି ମିଛ ଜଳ ଯୋଗାଣ ବ୍ୟବସ୍ଥାକୁ ଧରିଥିଲେ । ଏପରିକି ପ୍ରାୟ ଏକ ଘଣ୍ଟା ଧରି ମନ୍ତ୍ରୀ, ବିଧାୟକ ଓ ପ୍ରଶାସନିକ ଅଧିକାରୀ ପାଣି ପାଇଁ ଅପେକ୍ଷା ପରେ ମଧ୍ୟ ପାଇପ୍‌ରେ ପାଣି ଆସିନଥିଲା। ଫଳରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ନାୟକ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ଏଭଳି ଭୁଲ୍ ତଥ୍ୟ ଉପସ୍ଥାପନ ପାଇଁ ଦାୟୀ କର୍ମଚାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଚେତାବନୀ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ବିନୟ କୁମାର ଭୋଇଙ୍କ ସମେତ ଗ୍ରାମ୍ୟ ଜଳେଯୋଗାଣ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

ଚୋରା ମଦ ଜବତ:୭ କୋର୍ଟ ଚାଲାଣ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ୍ ଆର୍. ଆୟାର୍‌ଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଚୋରା ମଦ ବ୍ୟବସାୟୀଙ୍କ ଉପରେ ଚଢଉ କରାଯାଇ ମହିଳାଙ୍କ ସମେତ ୭ ଜଣଙ୍କୁ ଗିରଫ କରି ତାଙ୍କ ପାଖରୁ ବ୍ୟାପକ ଚୋରା ମଦ ଜବତ କରି କୋର୍ଟ ଚାଲାଣ କରାଯାଇଛି। ଏମାନେ ହେଲେ ମାର୍ଶାଘାଇ ଓ ନିକିରାଇ ଥାନା ଅଞ୍ଚଳର ଧୁମାତ ଗ୍ରାମର ପ୍ରଫୁଲ୍ଲ ବେହେରା, ଦହିମାଛ ଗ୍ରାମର ଜିତେନ୍ଦ୍ର ରାଉତ, ବେଣୁପାଲ ଗ୍ରାମର ରଞ୍ଜିତ୍ ଦାସ, ଗରଜଙ୍ଗା ଗ୍ରାମର ଚନ୍ଦନ ମହାନ୍ତି, ପ୍ରତାପ ଚନ୍ଦ୍ର ପରିଡା, ଏଣ୍ଡର ଗ୍ରାମର ଅକ୍ଷୟ ସାହୁ, କୋର ଗ୍ରାମର ଧନେଶ୍ୱର ବେହେରା ପ୍ରମୁଖଙ୍କୁ ଗିରଫ କରାଯାଇ ଏମାନଙ୍କ ନିକଟରୁ ଦେଶୀ, ବିଦେଶୀ ରନ୍ଧା ଓ ଗୁଡ ପାଉଚ୍ ଜବତ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହି ଚଢଉ ସମୟରେ ଅବକାରୀ ଉପନିରୀକ୍ଷକ ଛାୟାକାନ୍ତ ନାୟକ, ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ଋତୁପ୍ରଭା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ଶତାଧିକ ଯୁବଛାତ୍ର ଭଞ୍ଜ ସେନାରେ ଯୋଗଦେଲେ

ବାରିପଦା, ନ୍ୟୁଜ୍ ବ୍ୟୁରୋ

ଶିମିଳିପାଳର ସମ୍ପୂର୍ଣ୍ଣ ସୁରକ୍ଷା, ଜିଲ୍ଲାରେ ପାନୀୟ ଜଳଯୋଗାଣ, ସ୍ୱାସ୍ଥ୍ୟ, ଶିକ୍ଷା, ଚାଷ ଭଳି ମୌଳିକ ସମସ୍ୟାର ସମାଧାନ ସହିତ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ଏବଂ ପ୍ରାକୃତିକ ସମ୍ପଦର ଉପଯୋଗ ମାଧ୍ୟମରେ ରୋଜଗାର ସୃଷ୍ଟି କରିବା ନେଇ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ନେତୃତ୍ୱରେ ସଂଗଠନ ପକ୍ଷରୁ ଦୀର୍ଘ ଦିନଧରି ଚାଲିଆସୁଥିବା ଆନ୍ଦୋଳନକୁ ସମର୍ଥନ ଜଣାଇ ବାରିପଦା ଠାରେ ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ତତ୍ତ୍ୱାବଧାନରେ ମୁର୍ଗାବାଡ଼ି କୁବୁଲି ମଣ୍ଡପ ଠାରେ ଏକ ବିଶାଳ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଯୁବ ସଂଗଠକ ମନୋଜ କୁମାର ଦାସ, ରାଜକିଶୋର ବୈଠା, ତପନ ଘଡେଇଙ୍କର ନେତୃତ୍ୱରେ ବାରିପଦା ସହର ଓ ବାରିପଦା ବ୍ଲକର ଶତାଧିକ ଯୁବଛାତ୍ର ଭଞ୍ଜସେନାରେ ସାମିଲ ହୋଇଛନ୍ତି । ଏହି ଅବସରରେ ସଂଗଠନ ପକ୍ଷରୁ ଜିଲ୍ଲାର ସମସ୍ୟାକୁ ନେଇ ଆରମ୍ଭ ହୋଇଥିବା ମାସିକ ରିଲ୍‌ସ୍ ପ୍ରତିଯୋଗୀତାର ପୂର୍ବ ମାସରେ ହୋଇଥିବା ପ୍ରତିଯୋଗିତାର ପୁରସ୍କାର ବିତରଣୀ ଉତ୍ସବରେ ସଂଗଠନ ଆବାହକ ରାକେଶ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ବେଳେ ସଂଗଠନର ବରିଷ୍ଠ କର୍ମକର୍ତ୍ତାଙ୍କ ଦ୍ୱାରା କୃତୀ ୫ ଜଣ ପ୍ରତିଯୋଗୀଙ୍କୁ ଆର୍ଥିକ

ଷୋଡଶବର୍ଷ
32 YEARS
ସମ୍ବାଦ କଳିକା

ରୁଷ୍‌ରୁ ତେଲ ଆମଦାନି ୨୧ ପ୍ରତିଶତ ବଢାଇଲା ଭାରତ

ଭାରତ ଗତମାସରେ ରୁଷ୍‌ରୁ ଦ୍ୱିତୀୟ ସର୍ବାଧିକ ଜୀବାଶ୍ମ ଇନ୍ଧନ ବା ଅଶୋଧିତ ତେଲ କିଣିଛି । ଏହାର ମୂଲ୍ୟ ପ୍ରାୟ ୬.୭ ବିଲିଅନ ଡଲାର ରହିଛି ବୋଲି ଏକ ରିପୋର୍ଟରୁ ଜଣାଯାଇଛି । ମେ ମାସରେ ଭାରତ ଏହାର ମୋଟ ଅଶୋଧିତ ତେଲ ଆମଦାନିର ପ୍ରାୟ ୮୩ ପ୍ରତିଶତ ରୁଷ୍‌ରୁ ମଗାଇଛି । ଏପ୍ରିଲ ତୁଳନାରେ ମେ ମାସରେ ଭାରତର ମୋଟ ଅଶୋଧିତ ତେଲ ଆମଦାନି ପରିମାଣ ୮ ପ୍ରତିଶତ ବଢ଼ିଛି । କିନ୍ତୁ ରୁଷ୍‌ରୁ ଆମଦାନି ୨୧ ପ୍ରତିଶତ ବଢ଼ିଛି ବୋଲି ୟୁରୋପର ସେଣ୍ଟର ଫର ରିସର୍ଚ୍ଚ ଅନ୍ ଏନର୍ଜି ଆଣ୍ଡ୍ କ୍ଲିନ୍ ଏୟାର (ସିଆରଇଏ) ଏହାର ରିପୋର୍ଟରେ ଦର୍ଶାଇଛି ।

ଭାରତର କେତେକ ପ୍ରମୁଖ ତେଲ ବିଶୋଧନ କେନ୍ଦ୍ରଗୁଡ଼ିକରେ ମେ ମାସରେ ରୁଷ୍ ତେଲ ଆଗମନ ବଢ଼ିଛି । ଗୁଜରାଟର ଭାଡ଼ିନାର ବିଶୋଧନାଗାରରେ ଏପ୍ରିଲ ତୁଳନାରେ ୩୬ ପ୍ରତିଶତ ଅଧିକ ଅଶୋଧିତ ତେଲ ପହଞ୍ଚିଛି । ସେହିଭଳି ଜାମନଗର ବିଶୋଧନ କମ୍ପ୍ଲେକ୍ସରେ ଅଧିକ ୧୪ ପ୍ରତିଶତ ଅଶୋଧିତ ତେଲ ପହଞ୍ଚିଛି । ରାଷ୍ଟ୍ରାୟତ୍ତ ତେଲ କମ୍ପାନିଗୁଡ଼ିକ ମଧ୍ୟ ରୁଷ୍‌ରୁ ତେଲ କିଣିବା ବଢ଼ାଇଛନ୍ତି । ନ୍ୟୁ ମାଙ୍ଗାଲୋର ଓ ବିଶାଖାପଟନମ୍ ରିଫାଇନାରି ଗତବର୍ଷ ନଭେମ୍ବରରେ ରୁଷ୍ ତେଲ ଆମଦାନି ବନ୍ଦ କରିଥିଲେ । ଚଳିତବର୍ଷ ମାର୍ଚ୍ଚ ମାସରେ ସେମାନେ ଏହାର ଆମଦାନି ପୁଣି ଆରମ୍ଭ କରିଛନ୍ତି । ଏଥିସହିତ ପାରାଦୀପ ବିଶୋଧନାଗାରକୁ ରୁଷ୍‌ରୁ ଗତ ଦୁଇବର୍ଷ ମଧ୍ୟରେ ସର୍ବାଧିକ ଅଶୋଧିତ ତେଲ ଆସିଛି । ଭୂରାଜନୈତିକ ଅସ୍ଥିରତା ସତ୍ତ୍ୱେ ଭାରତୀୟ ତୈଳ କମ୍ପାନିଗୁଡ଼ିକ ପାଇଁ ରୁଷ୍‌ରୁ ତେଲ ଆଣିବା ପୁନର୍ବାର ଆକର୍ଷଣୀୟ ପାଲଟିଛି କିମ୍ବା ଅନିବାର୍ଯ୍ୟ ହୋଇପଡ଼ିଛି । ଉଲ୍ଲେଖଯୋଗ୍ୟ, ୟୁକ୍ରେନ ଉପରେ ରୁଷ୍ ଆକ୍ରମଣ କରିବା ପରେ ଏହି ଦେଶର ତେଲ ଉପରେ ପାଶ୍ଚାତ୍ୟ ଦେଶଗୁଡ଼ିକ କଟକଣା ଲଗାଇଥିଲେ । ଏଭଳି ସ୍ଥିତିରେ ଭାରତ ରୁଷ୍‌ରୁ ଶସ୍ତାରେ ବିପୁଳ ତେଲ କିଣିବା ଜାରି ରଖିଥିଲା । ତେବେ ସିଆରଇଏ ରିପୋର୍ଟ ଅନୁଯାୟୀ, ମେ ମାସରେ ରୁଷ୍‌ର ମୋଟ ଅଶୋଧିତ ତେଲ ରପ୍ତାନିରୁ ୫୦ ପ୍ରତିଶତ ତେଲ ଚୀନ ଆଣିଥିଲା । ଏହା ପଛକୁ ଭାରତ ୩୬ ପ୍ରତିଶତ, ତୁର୍କୀ ୬ ପ୍ରତିଶତ ଏବଂ ୟୁରୋପୀୟ ସଂଘ ୫ ପ୍ରତିଶତ ଅଶୋଧିତ ତେଲ କିଣିଛି । ରୁଷ୍‌ର ଅଶୋଧିତ ତେଲରୁ ବିଭିନ୍ନ ପ୍ରକାର ପେଟ୍ରୋଲିୟମ ଉତ୍ପାଦ ପ୍ରସ୍ତୁତ କରୁଥିବା ବିଶୋଧନାଗାରଗୁଡ଼ିକରୁ ଆମଦାନି ଉପରେ ୟୁରୋପୀୟ ସଂଘ ୨୦୨୬ ଜାନୁଆରି ୨୧ରେ କଟକଣା ଲଗାଇଥିବା ସତ୍ତ୍ୱେ ମେ ମାସରେ ୟୁରୋପୀୟ ସଂଘର ବିଭିନ୍ନ ବନ୍ଦରରେ ୧୦ଟି ଜାହାଜ ଉକ୍ତ ତେଲ ପହଞ୍ଚାଇଛି ।

ନିଶାପ

(ନିରପେକ୍ଷ ଶାସନ ପଦ୍ଧତି)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

ସମସ୍ୟା

ସମସ୍ୟା ପ୍ରତ୍ୟେକ ଭକ୍ତ,ଶିଷ୍ୟ,ମଣିଷ,ଗୁରୁ, ଗୁରୁଜନଠାରୁ ଆରମ୍ଭକରି ରାଜ୍ୟ,ଦେଶ,ବିଦେଶ ମାନଙ୍କରେ ବି ସମସ୍ୟା ସୃଷ୍ଟି ହୋଇଚାଲିଛି । କେଉଁ ଆବହମାନ କାଳରୁ ଏହା ଏକ (ଶକ୍ତିର ଉତ୍ସ)କିନ୍ତୁ ଏହି ସମସ୍ୟା ହିଁ ସମାଧାନର ସୂତ୍ର । ସମସ୍ୟା ନଥିଲେ ସମାଧାନର ମାର୍ଗ କେଉଁଠୁ ପାଇବ ? ତେଣୁ ହେ ସୁଧିଜନ ସମସ୍ୟା ପାଇଁ ବ୍ୟସ୍ତ ନ ହୋଇ ସ୍ଥିର ହୋଇଯାଅ । ଏହାର ମୂଳକୁ ଖୋଜ, ଡାଳରେ ବୁଲି ବୁଲି ବିଭିନ୍ନ ଆଲୋଚନାକୁ ସ୍ଥଗିତ ରଖ । କାହିଁକିନା ସମସ୍ୟା ବାଟରେ ଥିବ କିନ୍ତୁ ଆମେ ଆଲୋଚନା କରି କରି ସମସ୍ୟାକୁ ଆହୁରି ଜଟିଳତା କରିଦେଇଥାଉ । କାରଣ ସମସ୍ୟା ସୂକ୍ଷ୍ମରେ ଆସେ, କିନ୍ତୁ ଆମ୍ଭେମାନେ ମୋଟା ବୁଦ୍ଧି ଦ୍ୱାରା ତାକୁ ଆଲୋଚନା କରି କରି ଜଟିଳ ଆଡକୁ ନେଇଯାଇଥାଉ । ଏ ସଂସାରରେ ଭଲ ଆଉ ମନ୍ଦ ଦୁଇଟି ପଥ । ପ୍ରଥମେ ନିଜକୁ ଆୟତ୍ତ କର, ସଂଯମତା ରକ୍ଷା କରି ସମସ୍ୟାର ପର୍ଯ୍ୟବେକ୍ଷଣ କର, କାହିଁକି ଏପରି ଉପୁଜୁଛି । ଏହାର ମୂଳ ମନ୍ତ୍ର କେଉଁଠି ଅଛି । ତୁମର ଦାୟିତ୍ୱ ହୀନତା, କର୍ତ୍ତବ୍ୟ ହୀନତା,ଆଳସ୍ୟତା, ଅତ୍ୟଧିକ ଗପସପ ଉପରେ ନିଜକୁ ନିଜେ ସମୀକ୍ଷା କର । ଦେଖିବ ତୁମେ ହିଁ ତାର ମୂଳ ପାଖରେ ପହଞ୍ଚିଯାଇଥିବ । କିନ୍ତୁ ତୁମକୁ ଜଣାନଥିବ । ତେଣୁ ସ୍ଥିରତାହିଁ ସମସ୍ୟାକୁ ସାଧ୍ୟ କରିବାର ସୁଯୋଗ ଦେଇଥାଏ । ତେଣୁ ହେ ଭକ୍ତ ସମସ୍ୟା ପାଇଁ ବିଚଳତାକୁ ଅଗ୍ରାଧିକାର ନଦେଇ ସ୍ଥିରତାକୁ ଭୂଷଣ କର । ଦେଖିବ ସମାଧାନର ପଥ ସୁଗମ ନିଶ୍ଚୟ ହୋଇଯିବ । ଏହାହିଁ ଈଶ୍ୱରଙ୍କର ବାଣୀ । ହରି ଓଁ । (କ୍ରମଶଃ...)

ଆଷାଢ଼ର ଆଗମନ ଓ ଓଡିଆ ଅସ୍ମିତାର ପର୍ବ ପବିତ୍ର ରଜ

ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର

ଜ୍ୟେଷ୍ଠ ଶେଷ ଓ ଆଷାଢ଼ ଆରମ୍ଭର ସନ୍ଧିକ୍ଷଣରେ ମେଘମେଦୁର ଆକାଶର ଘନ ଆସ୍ତରଣ ତଳେ ବଜ୍ରର ଗୁରୁଗମ୍ଭୀର ନିନାଦରେ ରୌଦ୍ରତପ୍ତା ଧରଣୀ ପ୍ରାଣରେ ଆସେ ପୁଲକର ଜୁଆର । ନିଷ୍ଠୁର ନିଦାଘର ନିପୀଡ଼ନରେ ପ୍ରିୟମାଣା ଧୂସର ଧରଣୀ ପୁନଶ୍ଚ ସୃଜନର ନୂତନ ସ୍ୱପ୍ନରେ ବିଭୋର ହୋଇଉଠେ । କ୍ଳାନ୍ତ, ଅବସନ୍ନ, ନିଷ୍ପ୍ରଭ ଆକାଶରେ ପଇଁତରା ମାରେ ବାଦଲ । କୃଷକରାଜିର ସବୁଜିମାରେ ବହଳ ଧୂଳିର ଆସ୍ତରଣ ଟୋପା ଟୋପା ବର୍ଷା ଜଳରେ ଧୌତ ହୋଇଯାଏ । ରୌଦ୍ର ଦର୍ପ ଥମିଲା ପରେ ରିମ୍ ଝିମ୍ ବର୍ଷାର କଅଁଳଛୁଆଁ ମନ ପ୍ରାଣକୁ କରେ ଶିହରିତ । ମୌସୁମୀର ଆଗମନରେ ଆକାଶରୁ ଝରିପଡେ ଅମୃତର ଶୀତଳ ବାରି, ଯାହା ଚାଷୀଙ୍କ କାମକୁ ବେଶ୍ ସୁନ୍ଦର ଓ ସହଜ କରିଦିଏ । ମୌସୁମୀ ବାରିସିକ୍ତା ଧରିତ୍ରୀ ତା'ର କୋଟି କୋଟି ସନ୍ତାନଙ୍କ ମୁଖରେ ଆହାର ଦେବା ପାଇଁ ବର୍ଷରେ ଏହିପରି ଥରେ ନିଜକୁ ସୃଜନକ୍ଷମ କରିଥାଏ । ସେ ହୁଏ ରଜସ୍ୱଳା । ତା'ର ଧୂସର ନୀରସ ବକ୍ଷରେ ପୁଣି ଥରେ ଉଙ୍କିମାରେ ପୂର୍ଣ୍ଣ ଯୌବନର ଦୀପ୍ତିମନ୍ତ ଦାମ୍ଭୀକତା । ପୁଣି ଥରେ ସେ ଶ୍ୟାମଳ ଶୋଭାଶ୍ରୀରେ ସୁମଣ୍ଡିତା ହୋଇ କଲ୍ୟାଣମୟୀ ମାତା ରୂପରେ ହୁଏ ଆବିର୍ଭୂତା । ମାଟିର ମଣିଷ କରେ ତା'ର ଦିବ୍ୟ ଆବାହନ । ଏହି ମୂର୍ତ୍ତିକାର ଆବାହନ ହିଁ ହେଉଛି ଉତ୍କଳର ରଜୋତ୍ସବ । ଭରା ଯୌବନର ଦୀପ୍ତିରେ ରଦ୍ଧିମନ୍ତ ହୋଇ ଧରିତ୍ରୀକୁ ଆସିଥାଏ ମାଟି ଓ ମୌସୁମୀର ମିଳନର ପର୍ବ ରଜ । ମିଳନ ହୁଏ ମାଟି ଓ ମେଘର । ଗ୍ରୀଷ୍ମ ଓ ବର୍ଷା ଋତୁର ସନ୍ଧିକ୍ଷଣରେ ଭିଜାମାଟିର ବାସ୍ନା ନେଇ ଆସେ ଓଡ଼ିଶାର ଗଣପର୍ବ ରଜ । ଆହା, କି ପୁଲକ ଭରା ଓ ଆକର୍ଷଣମୟ ଏ ନିଆରା ଧରଣୀ ମାତା ଓ ମୌସୁମୀର ମିଳନର ପର୍ବ ! ସାରା ବିଶ୍ୱରେ ପ୍ରକୃତିକୁ ନେଇ ଏପରି ଏକ ପର୍ବର ପରିକଳ୍ପନା ହୁଏତ ଆଉ କେଉଁଠି ନ ଥିବ । ପ୍ରକୃତି ସୃଷ୍ଟି କରିଛି ବର୍ଷା, ଆଉ ବର୍ଷାକୁ ସ୍ୱାଗତ କରି ସୃଷ୍ଟି ହୋଇଛି ରଜ ପର୍ବ । ବର୍ଷ ସାରା ମୁଣ୍ଡ ଝାଳ ତୁଣ୍ଡରେ ମାରି କର୍ତ୍ତବ୍ୟରତ କୃଷକ ଶରୀର ପାଇଁ ବିଶ୍ରାମ ଆଉ ମନ ପାଇଁ ଆନନ୍ଦର ଅବସର ଆଣି ଦେଇଥାଏ ଏହି ରଜ ପର୍ବ । କାହିଁ, କେଉଁ ଅନାଦି କାଳରୁ ଏହା ଉତ୍କଳର ଘରେ ଘରେ ମହାଡମ୍ବରରେ ପାଳିତ ହୋଇ ଆସୁଅଛି ।

କୃଷିକାରୀ ମାନବ ଶିଶୁ ସହିତ ମୃତ୍ତିକାର ସମ୍ପର୍କ ହେଉଛି ଚିରନ୍ତନ । ସଭ୍ୟତାର ପ୍ରଥମ ଉନ୍ମେଷ ଘଟିଥିଲା ଏହି ମୃତ୍ତିକା ଉପରେ ଏବଂ ଏହି ମୃତ୍ତିକା ହିଁ ହେଉଛି ମହାନ ମାନବ ସଭ୍ୟତା ଓ ସମାଜର ପ୍ରାଣ ପ୍ରତିଷ୍ଠାତା । ଆଜି ବିଜ୍ଞାନର ବିକାଶ ବଳରେ ମଣିଷ ଯେତେ ଉନ୍ନତ ଓ ବଳୀୟାନ ହେଲେ ମଧ୍ୟ ଅନ୍ନ ମୁଠିକ ହେଉଛି ତା'ର ଜୀବନ ଏବଂ ସେହି ଅନ୍ନ ଗଣ୍ଡାଏ ପାଇଁ ଯୁଗ ଯୁଗ ଧରି ସେ ମୃତ୍ତିକା ଓ ମୌସୁମୀ ଉପରେ ନିର୍ଭର କରିଆସୁଅଛି । ଉପନିଷଦରେ ଅଛି, ଅତ୍ ପୁରୁଷ ଅର୍ଥାତ୍ ଅନ୍ନରୁ ପ୍ରାଣୀ ଜାତ ବା ଅନ୍ନ ଲାଗି ଜୀବନ । ତେଣୁ ବହୁ ଶାସ୍ତ୍ର, ପୁରାଣ ଓ କାବ୍ୟ କବିତା ଇତ୍ୟାଦିରେ ମୃତ୍ତିକା ଓ ମୌସୁମୀ ସମ୍ପର୍କରେ ରାଶି ରାଶି ବର୍ଣ୍ଣନା ଦେଖିବାକୁ ମିଳେ । ଅମର କବି କାଳିଦାସ ମେଘକୁ ସମ୍ବୋଧନ କରି କହିଛନ୍ତି, ''ଦ୍ୱୟାୟତ୍ତଂ କୃଷି ଫଳମିତି ।" ଅର୍ଥାତ୍, ହେ ମେଘ, କୃଷିକର୍ମର ଫଳ ତୁମରି ଅଧୀନ ଅଟେ । ତେଣୁ ଆମର କୃଷି କୈନ୍ଦ୍ରିକ ସାମାଜିକ ଜୀବନରେ ଋତୁଚକ୍ରର ସାମ୍ବତ୍ସରିକ ପରିକ୍ରମଣ ଅନୁସାରେ ଏଇଭଳି ନାନା ପର୍ବପର୍ବାଣୀର ବିଧାନ କରାଯାଇଅଛି । ସୁତରାଂ ଏହି ଦୃଷ୍ଟିରୁ ରଜପର୍ବ ପାଳନର ତାତ୍ପର୍ଯ୍ୟ ଓ ଉପାଦେୟତା ଗୁରୁତ୍ୱପୂର୍ଣ୍ଣ ଅଟେ । ମିଥୁନ ସଂକ୍ରାନ୍ତି ଦିନ ମୌସୁମୀ ଏବଂ ମୃତ୍ତିକାର ହୁଏ ମହାମିଳନ । ଘନ ମେଘମାଳ ଆକାଶ ପଥରେ ଭାସି ଆସି ଧରିତ୍ରୀ ବକ୍ଷରେ ଢାଳିଦିଅନ୍ତି ଅଜସ୍ର ବାରିରାଶି । ନାରୀ ସ୍ୱରୂପା ଏ ବସୁନ୍ଧରା ରଜସ୍ୱଳା ହୋଇ ପୁଣି ଥରେ ସୃଷ୍ଟି ପାଇଁ ଉନ୍ମୁଖ ହୋଇଉଠେ । ଉତ୍କଳୀୟ ସଂସ୍କୃତିରେ ଏହି ରଜପର୍ବ ପଶ୍ଚାତରେ କୌଣସି ଧର୍ମାତ୍ମା ପୁରୁଷ ବା ଦେବାଦେବୀର ପରିକଳ୍ପନା ନାହିଁ । ନେପଥ୍ୟରେ କଳ୍ପିତ ଦେବତା ପରିବର୍ତ୍ତେ କେବଳ ମୃତ୍ତିକା ଓ ମୌସୁମୀର ଉପାସନା କରାଯାଏ ।

ରଜପର୍ବ ହେଉଛି ଏକ ତ୍ରିଦିବସୀୟ ଉତ୍ସବ । ପ୍ରଥମ ଦିବସଟି ପହିଲି ରଜ, ଦ୍ୱିତୀୟ ଦିବସଟି ରଜ ସଂକ୍ରାନ୍ତି ଏବଂ ତୃତୀୟ ଦିବସଟି 'ଭୂମିଦାହ' ନାମରେ ବିହିତ । ବହୁ ପୂର୍ବରୁ ଏହି ଉତ୍ସବର ଆୟୋଜନ ପାଇଁ ପ୍ରତ୍ୟେକ ପରିବାର ତତ୍ପର ହୋଇ ଉଠିଥା'ନ୍ତି । ପହିଲି ରଜର ପୂର୍ବଦିନଟି 'ସଜବାଜ' ନାମରେ ବିଦିତ । କି ଧନୀ କି ଦରିଦ୍ର, କି ବୃଦ୍ଧ କି ବାଲୁତ, କି ନାରୀ କି ପୁରୁଷ, କି ବ୍ରାହ୍ମଣ କି ଶୁଦ୍ର... ସମାଜର ସବୁ ଶ୍ରେଣୀର ଲୋକଙ୍କ ମନରେ ଏକ ଅପୂର୍ବ ଆବେଗ ସୃଷ୍ଟି ହୋଇଥାଏ । ନିଜ ନିଜର କର୍ମ ଜଞ୍ଜାଳରୁ ଅବସର ନେଇ କ୍ରୀଡ଼ା କୌତୁକ, ଆମୋଦ ପ୍ରମୋଦ, ଆଳାପ ଆଲୋଚନା ମାଧ୍ୟମରେ ଲୋକମାନେ ଦିନ ତିନିଟିକୁ ଅତିବାହିତ କରନ୍ତି । ନାଚଗୀତ, ଯାତ୍ରା ଅଭିନୟ ଭଳି ଅଙ୍ଗଭଙ୍ଗୀର ନିଛକ ପ୍ରଦର୍ଶନ ଓ ତାସ, ଲୁଡ୍ରୁ, ପଶା, ବାଗୁଡ଼ି ଖେଳ ଇତ୍ୟାଦି ହେଉଛି ଏହି ପର୍ବର ବିଶେଷ ଉପାଦାନ । ପହିଲି ରଜର ସ୍ୱାଦିଷ୍ଟ ପୋଡ଼ପିଠା ହେଉଛି ଏହି ପର୍ବର ପାରମ୍ପରିକ ବିଧି । ଧନୀ ଦରିଦ୍ରର ବିବିଧତାରୁ ଉର୍ଦ୍ଧ୍ୱରେ ରହି ପ୍ରତ୍ୟେକ ପରିବାରରେ ନିଜର ସାମର୍ଥ୍ୟ ଅନୁଯାୟୀ ସଜବାଜ ଦିନ ରାତ୍ରିରେ ପୋଡ଼ପିଠା ପ୍ରସ୍ତୁତ କରି ରଖାଯାଇଥାଏ । ପହିଲି ରଜର ପ୍ରତ୍ୟୁଷରୁ ଏହାକୁ କାଟି ଖିଆଯାଏ ଓ ବନ୍ଧୁ ପରିଜନ ଏବଂ ପ୍ରତିବେଶୀଙ୍କ ମଧ୍ୟରେ ବଣ୍ଟନ ମଧ୍ୟ କରାଯାଏ । ପହିଲି ରଜର ପ୍ରତ୍ୟୁଷରୁ ରମଣୀ ଓ ବାଳିକାମାନେ ସେମାନଙ୍କର ସ୍ନାନାଦି ନିତ୍ୟକର୍ମ ସମାପନ ପୂର୍ବକ ନାନା ବର୍ଣ୍ଣର ବେଶଭୂଷାରେ ମଣ୍ଡିତ ହୁଅନ୍ତି । କୁଆଁରୀମାନଙ୍କର ପାଦରେ ଅଳତା, ଆଖିରେ କଜଳ, କପାଳରେ ଚନ୍ଦନ ରେଖା ସହିତ ଅଙ୍ଗ ପରିହିତ ନାନା ରଙ୍ଗର ପୋଷାକ ପରିବେଶକୁ ବେଶ ରଙ୍ଗୀନ୍ କରେ । କୁମାରୀମାନେ ନଗ୍ନ ପାଦରେ ଭୂମି ସ୍ପର୍ଶ ନ କରିବା ହେଉଛି ଏ ପର୍ବର ଏକ ପାରମ୍ପରିକ ବିଧି । ସେଥିପାଇଁ ସେମାନେ ପୂର୍ବରୁ ଗୁଆଗଛର ବଳ୍କଳ ନିର୍ମିତ ଜୋତା ବା ପାଦୁକା ପ୍ରସ୍ତୁତ କରି ରଖିଥାଆନ୍ତି । ଆଜିର ଆଧୁନିକ ଯୁଗରେ ବଳ୍କଳ ନିର୍ମିତ ପାଦୁକା ସ୍ଥାନରେ ବଜାରରେ ସୁଲଭରେ ପ୍ରାପ୍ତ ନାନାରଙ୍ଗର ଚମଡ଼ା ନିର୍ମିତ ଚପଲ ବ୍ୟବହାର କରାଯାଉଛି । ପିଠାପଣା, କ୍ରୀଡ଼ାକୌତୁକ, ତାମ୍ବୁଲ ବଣ୍ଟନ ଓ ଆନନ୍ଦ ଉଲ୍ଲାସର ବିପୁଳ ଆୟୋଜନ ମଧ୍ୟରେ ଦିନଗୁଡ଼ିକ ମହାଡମ୍ବରରେ ଅତିବାହିତ ହୁଏ । ଏହି ଦିନଗୁଡ଼ିକର ରୀତିନୀତିରେ ସମ୍ପୂର୍ଣ୍ଣ ଓଡ଼ିଆ ଘରର ଚଳଣିର ମହକ ସ୍ପଷ୍ଟ ବାରି ହୋଇଥାଏ । କୁମାରୀମାନଙ୍କ ନିମନ୍ତେ ଏହି ଉତ୍ସବର ବିଶେଷ ଆକର୍ଷଣ ହେଉଛି ଦୋଳି ଖେଳ । ଗ୍ରାମ ଉପାନ୍ତରେ ଆମ୍ବ ତୋଟାରେ, ମନ୍ଦିର ପ୍ରାଙ୍ଗଣରେ ଅଥବା ନିଜ ଗୃହର ପଶ୍ଚାତ୍ ଭାଗରେ କୌଣସି ବୃକ୍ଷ ଡାଳରେ ଦୋଳିମାନ ଝୁଲାଇ ଦିଆଯାଏ । ଦୋଳିର ତାଳେ ତାଳେ ଅଙ୍ଗନାଙ୍କର ସୁଲଳିତ ସଂଗୀତର ସାବଲୀଳ ପ୍ରତିଧ୍ୱନି ଗ୍ରାମ୍ୟ ପରିବେଶକୁ ବେଶ୍ ଉତ୍ସବମୁଖର କରେ । ସେମାନେ ଅତି ଆନନ୍ଦରେ ରଜରେ ନୂଆ ପୋଷାକ ପିନ୍ଧି, ନିଜକୁ ଶୃଙ୍ଗାର କରି, ପାନ ଖାଇ ରଜଦୋଳିର ଆନନ୍ଦ ନେଇଥା'ନ୍ତି । ଗାଁ ଗହଳିରେ ଝିଅମାନେ ଦୋଳି ଖେଳରେ ମତୁଆଲା ହୋଇ ଏଭଳି ଗୀତ ଗାଇଥାନ୍ତି- 'ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ, ଆସିଛି ରଜ ଲୋ ଘେନି ନୂଆ ସଜବାଜ । ରଜ ଦୋଳି କଟ କଟ, ମୋ ଭାଇ ମଥାରେ ସୁନା-ମୁକୁଟ, ସୁନା ମୁକୁଟ ଲୋ ଦିଶୁଥାଏ ଝଟଝଟ ।' କୌଣସି କୌଣସି ସ୍ଥାନରେ ଦୋଳି ଖେଳ ଓ ବାଗୁଡ଼ି ଖେଳର ପ୍ରତିଯୋଗିତା କରାଯାଇ ପୁରସ୍କାର ବିତରଣ ମଧ୍ୟ କରାଯାଏ । ଦର୍ଶକ ଓ ପ୍ରତିଯୋଗୀମାନଙ୍କର କୋଳାହଳପୂର୍ଣ୍ଣ ସମାବେଶ ପରିବେଶକୁ ଖୁବ୍ ଆକର୍ଷଣୀୟ କରିଥାଏ । ଉତ୍ସବର ତୃତୀୟ ଦିବସଟି ହେଉଛି ମାତା ବସୁମତୀର ବିଶ୍ରାମର ଦିନ । ଭୂମିରେ କୌଣସି କ୍ଷତ କରାଯିବା ବା ଭୂମିକୁ ଆଘାତ ଦେବା ଭଳି କାର୍ଯ୍ୟ କରିବା ଏହି ଦିନ ନିଷେଧ ଅଟେ । ଏହି ଦିନକୁ 'ଧରାସ୍ନାନ' ବା 'ବସୁମତୀ ସ୍ନାନ' ନାମରେ ପାଳନ କରାଯାଏ । ପ୍ରତ୍ୟୁଷରେ ପ୍ରତ୍ୟେକ ଗୃହସ୍ଥର ଅଗଣାରେ ଏକ କାଷ୍ଠ ଆସନ(ପିଢ଼ା) ଉପରେ ଲଙ୍ଗଳ ଲୁହା ସହିତ ଶିଳପୁଆ ଓ ନାରୀକେଳ ସ୍ଥାପନ କରି ପ୍ରତ୍ୟେକ ଘରର କୁଳପାଳିକା ତାହାକୁ ହଳଦୀ ପାଣିରେ ସ୍ନାନ କରାଇ ସଭକ୍ତି ପ୍ରଣିପାତ କରନ୍ତି । ଏହାପରେ ଉତ୍ସବର ଉଦ୍‌ବେଳ ଆନନ୍ଦର ପରିସମାପ୍ତି ଘଟେ । ବସୁମତୀର ବରପୁତ୍ର କୃଷକ ଆଗାମୀ ବର୍ଷକ ପାଇଁ ମାଗିନିଏ ମାଟିମାଆର ଅଯାଚିତ କଲ୍ୟାଣର ଆଶୀର୍ବାଦ । ନିଜର ଆମୋଦ, ଆଳସ୍ୟକୁ ପରିହାର କରି ସେ ପୁଣି ନୂତନ କର୍ମ ପ୍ରେରଣା ନେଇ ଆଗେଇ ଯାଏ ସ୍ୱକର୍ମରେ । ଝର ଝର ହୋଇ ଆଷାଢ଼ ଆକାଶରୁ ଝରି ଆସେ ଈଶ୍ୱରଙ୍କର ଅସୀମ କରୁଣାର ଧାରା । ମାଟିମାଆର ବୁକୁ ଫଟାଇ ନୂତନ ଅଙ୍କୁରର ଉନ୍ମେଷ ଘଟେ । ସେ ପୁଣି ଥରେ ନୂତନ ସୃଜନୀର ଆନନ୍ଦରେ ଅଭିଭୂତ ହୋଇଉଠେ ।

କୃଷିଭିତ୍ତିକ ସାମାଜିକ ଜୀବନରେ ରଜପର୍ବର ତାତ୍ପର୍ଯ୍ୟ ହେଉଛି ଗୁରୁତ୍ୱପୂର୍ଣ୍ଣ । ତିନିଦିନବ୍ୟାପୀ ଆନନ୍ଦ ଉତ୍ସବ, କ୍ରୀଡ଼ା କୌତୁକ, ଆଳାପ ଆଲୋଚନା ଇତ୍ୟାଦି ଗୋଷ୍ଠୀଜୀବନକୁ ବେଶ୍ ଆନନ୍ଦମୂଖର କରେ । ଏହି ଅବସରରେ ନବ ବିବାହିତା କନ୍ୟାର ପିତ୍ରାଳୟରୁ ଶ୍ୱଶୁରାଳୟକୁ ନବବସ୍ତ୍ର ସହିତ ନଡ଼ିଆ, କଦଳୀ, ଆମ୍ବ, ପଣସ ଇତ୍ୟାଦି ସମ୍ଭାର ପଠାଯାଏ । ମୃତ୍ତିକାର ବିଶ୍ରାମ ସହିତ କୃଷିକାରୀ ସ୍ତ୍ରୀ ପୁରୁଷ ସମସ୍ତେ ଏହି ତିନିଦିନ ସାମୟିକ ବିଶ୍ରାମ ଗ୍ରହଣ କରନ୍ତି । ଝିଅ ବୋହୂମାନେ ଗୃହକର୍ମରୁ ଅବସର ନେଇ ଆଳାପ ଆଲୋଚନା ମାଧ୍ୟମରେ ସମୟ ଅତିବାହିତ କରନ୍ତି । କେବଳ ରନ୍ଧନ କାର୍ଯ୍ୟ ବ୍ୟତୀତ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସ୍ଥଗିତ ରଖାଯାଏ । ପୋଡ଼ପିଠା ହେଉଛି ଉତ୍କଳୀୟ ସଂସ୍କୃତିର ପ୍ରତୀକ ଯାହା ରଜର ମହାତ୍ମ୍ୟକୁ ବହୁଗୁଣିତ କରାଏ । ପୁରୀ ଶ୍ରୀମନ୍ଦିରରେ ଜଗନ୍ନାଥଙ୍କ ନିକଟରେ ପ୍ରତ୍ୟହ ପୋଡ଼ପିଠା ଲାଗି କରାଯିବାର ପରମ୍ପରା ବହୁକାଳରୁ ପ୍ରଚଳିତ । ପ୍ରତିବେଶୀଙ୍କ ସହିତ ପୋଡ଼ପିଠାର ଶ୍ରଦ୍ଧାପୂର୍ଣ୍ଣ ଆଦାନ ପ୍ରଦାନ ଉତ୍ତମ ବନ୍ଧୁତ୍ୱର ବାତାବରଣ ସୃଷ୍ଟିକରେ । ଗ୍ରାମର କୁଆଁରୀ ଝିଅମାନେ ଏକତ୍ର ମିଳିତ ହୋଇ ତାମ୍ବୁଲ ବିନିମୟ ମାଧ୍ୟମରେ ପାରମ୍ପରିକ ଐକ୍ୟ ଓ ସୌହାର୍ଦ୍ଦ୍ୟକୁ ଦୃଢ଼ୀଭୂତ କରନ୍ତି । ଏହି ଅବସରରେ ନାନାଦି କ୍ରୀଡ଼ା କୌତୁକ ମାଧ୍ୟମରେ ଗୋଷ୍ଠୀଜୀବନର ମାଧୁର୍ଯ୍ୟ ବେଶ୍ ଉପଭୋଗ୍ୟ ହୋଇଥାଏ । ରଜ ଆଗମନର ବହୁ ପୂର୍ବରୁ ପ୍ରସ୍ତୁତି ପର୍ବ ପାଳିତ ହୁଏ । ରଜପର୍ବର ଭାବନା, କଳ୍ପନା, କାମନା ଓ ଆତ୍ମମନାରେ ଥାଏ ଚରମ ଉନ୍ମାଦନା । ଆହା ! କି ସ୍ୱତନ୍ତ୍ର ଓ ନିଆରା ସେ ଅନୁଭୂତି, ତା'ର ପଟାନ୍ତର ନାହିଁ । ଚିର ସବୁଜ ତା'ର କ୍ଷୁଦ୍ର ଅବୟବ, ପୀୟୁଷ ପୂର୍ଣ୍ଣ ତା'ର ବିଶାଳ ହୃଦୟ, ମୁକୁତା ଝରା ତା'ର ହାସ୍ୟମୟ ପରମ୍ପରା ଓ ଲାସ୍ୟମୟ ବୈଶିଷ୍ଟ୍ୟ, ବେଶ୍ ସୁମଧୁର ତା'ର ପରିଭାଷା ଓ ସର୍ବୋପରି ଭାଷାନ୍ତର ତା'ର ସ୍ନିଗ୍ଧ ପରିପାଟୀ । ସତରେ, ବଚନୁ ଅତୀତ ତା'ର ମୁଗ୍ଧ ଅନୁଭବ । ହେଲେ, ଏବେକାର ଆଧୁନିକତାର ଛାପରେ ରଜପର୍ବ ପାଳନକୁ ନେଇ ପୂର୍ବଭଳି ସେତେଟା ଆଗ୍ରହ ଉଦ୍ଦୀପନା ପରିଲକ୍ଷିତ ହେଉନାହିଁ । ଆଜି ବସୁନ୍ଧରା ସହିତ ତା'ର କୋଟି କୋଟି ଆତ୍ମିକ ମନୁଷ୍ୟ ଶିଶୁର ସେ ଆତ୍ମୀୟତା ଓ ନିବିଡ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୬ ଜୁନ୍ ୨୦୨୬ ମଙ୍ଗଳବାର

ରଜରେ ରକ୍ତପାତ:ମା'କୁ ହତ୍ୟା କଲା ପୁଅ

ଭଦ୍ରକ, ନ୍ୟୁଜ୍ ବ୍ୟୁରୋ

ଭଦ୍ରକ ଜିଲ୍ଲା ବନ୍ତ ଥାନା ଅଞ୍ଚଳରେ ଚାଞ୍ଚଲ୍ୟ, ଜନ୍ମକଲା ମା'କୁ ବିଭତ୍ସ ହତ୍ୟା କଲା ପିଶାଚ ପୁଅ । ଯେଉଁଠି ସାରା ଓଡ଼ିଶା ରଜ ପର୍ବର ଆନନ୍ଦ ଉଲ୍ଲାସରେ ବୁଡ଼ି ରହିଛି, ସେଭଳି ସମୟରେ ସାମ୍ନାକୁ ଆସିଛି ଏକ ହୃଦୟ ବିଦାରକ ଖବର । ପାରିବାରିକ କଳହରୁ ଜନ୍ମ କଲା ମା'କୁ ବିଭତ୍ସ ଭାବେ ହତ୍ୟା କରିଛି ପୁଅ । ରବିବାର ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲ୍ଲା ବନ୍ତ ଥାନା ଅଞ୍ଚଳରେ । ବନ୍ତ ଥାନା ଅନ୍ତର୍ଗତ ଜିରିଣା ଗୁଡ଼ିଆ ସାହିରେ ଘଟିଛି ଏହି ସାଂଘାତିକ କାଣ୍ଡ । ଗ୍ରାମର ଗଦାଧର ସାହୁଙ୍କ ପତ୍ନୀ ମମତା ସାହୁଙ୍କୁ ତାଙ୍କ ପୁଅ ପ୍ରିତମ ସାହୁ ନିର୍ମମ ଭାବେ ହତ୍ୟା କରିଛି । ଅଭିଯୁକ୍ତ ପୁଅ ପ୍ରିତମର ବୟସ ୨୫ ବର୍ଷ ବୋଲି ଜଣାପଡ଼ିଛି । ତେବେ କେଉଁ ପରିସ୍ଥିତିରେ ଏବଂ କେଉଁ କାରଣ ପାଇଁ ପୁଅ ଏଭଳି ଚରମ ନିଷ୍ପତ୍ତି ନେଲା, ସେନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି । ପ୍ରାଥମିକ ସୂଚନା ମୁତାବକ, ପାରିବାରିକ କଳହ ଯୋଗୁ ହିଁ ଏହି ହତ୍ୟାକାଣ୍ଡ ଘଟିଥାଇପାରେ ବୋଲି ଅନୁମାନ କରାଯାଉଛି । ଏହି ଜଘନ୍ୟ ହତ୍ୟାକାଣ୍ଡ ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ଖବରପାଇ ବନ୍ତ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ଯୁବକ ପ୍ରିତମକୁ କାବୁ କରି ତାନିକଟରୁ କୁରାଢ଼ାକୁ ମଧ୍ୟ ଜବତ କରିଛି ଓ ପୋଲିସ ଥାନାକୁ ଆଣି ଅଧିକ ପଚରାଉଚରା ଜାରି ରଖିଛି । ପବିତ୍ର ରଜ ପର୍ବରେ ଏଭଳି ଏକ ବିଭତ୍ସ ହତ୍ୟାକାଣ୍ଡ ସ୍ଥାନୀୟ ଅଞ୍ଚଳକୁ ସ୍ତବ୍ଧ କରିଦେଇଛି । ଜନ୍ମକଲା ମା'କୁ ପୁଅ କାହିଁକି ହତ୍ୟା କଲା, କ'ଣ ଥିଲା ସେହି ପାରିବାରିକ ବିବାଦ, ଏହା ପଛରେ ଅନ୍ୟ କିଛି କାରଣ ରହିଛି କି ସେ ସମସ୍ତ ଦିଗ ଉପରେ ବନ୍ତ ଥାନା ପୋଲିସ ତଦନ୍ତ ଚଳାଇଥିବା ସୂଚନା ମିଳିଛି ।

ଆର୍ଥିକ ଦୁର୍ବଳ ଓ ଅସହାୟଙ୍କ ପାଇଁ ସହାୟ ପାଲଟିଛି ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ସରକାରଙ୍କ ଜନକଲ୍ୟାଣ ମୂଳକ ପଦକ୍ଷେପ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ ଅବସରରେ ବୌଦ୍ଧ ସହର ସ୍ଥିତ ମର୍ଜାକୁଦ କଲ୍ୟାଣ ମଣ୍ଡପ ଠାରେ ଏକ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ଭୁବନେଶ୍ୱରରୁ ଆୟୋଜିତ ମୁଖ୍ୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମର ସିଧାପ୍ରସାରଣ ଆଭାସୀ ମାଧ୍ୟମରେ ଉପସ୍ଥିତ ଅତିଥି ଓ ଜନସାଧାରଣଙ୍କୁ ପ୍ରଦର୍ଶିତ କରାଯାଇଥିଲା । ମର୍ଜାକୁଦ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, କଣ୍ଧମାଳ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ କହ୍ନାଇ ଚରଣ ଡାଙ୍ଗ, ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ବିନୟ କୁମାର ଭୋଇଙ୍କ ସମେତ ବିଭିନ୍ନ

ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଜନପ୍ରତିନିଧି ଓ ବହୁ ସଂଖ୍ୟକ ଜନସାଧାରଣ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଉଦ୍ଦେଶ୍ୟ, ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଏହାର ଗୁରୁତ୍ୱ ଏବଂ ଯୋଗ୍ୟ ହିତାଧିକାରୀମାନଙ୍କୁ ସୁଲଭ ମୂଲ୍ୟରେ ଖାଦ୍ୟଶସ୍ୟ ଯୋଗାଇବା ଦିଗରେ ସରକାରଙ୍କ ପ୍ରତିବଦ୍ଧତା ସମ୍ପର୍କରେ ଅବଗତ କରାଯାଇଥିଲା । ଏହି ଅବସରରେ ହିତାଧିକାରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା କାର୍ଡ ବିତରଣ କରାଯାଇଥିଲା । ଉପସ୍ଥିତ ଅତିଥିମାନେ ଏହି ଯୋଜନା ଦ୍ୱାରା ସମାଜର ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଓ ଅସହାୟ ବର୍ଗର ଲୋକମାନେ ଉପକୃତ ହେବାସହ ସେମାନଙ୍କ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ ହେବ ବୋଲି ମତ ପ୍ରକାଶ କରିଥିଲେ ।

ବରପାଲିରେ ପବିତ୍ର ଶୀତଳ ଷଷ୍ଠୀ ଯାତ୍ରା ମହୋତ୍ସବ ଶୁଭାରମ୍ଭ

ବରଗଡ଼, ନ୍ୟୁଜ୍ ବ୍ୟୁରୋ

୧୪୯ ବର୍ଷରେ ପାଦର୍ପଣ କରି ବରପାଲି ଐତିହ୍ୟ ପାରମ୍ପରିକ ଶୀତଳ ଷଷ୍ଠୀ ଯାତ୍ରା ଶିବ ବିବାହ ମହୋତ୍ସବ ବିଗତ ବର୍ଷ ଭଳି ଚଳିତ ବର୍ଷ ବିରାଟ ଆୟୋଜନ ସହ ନୂତନ ମନୋରଞ୍ଜନ କାର୍ଯ୍ୟକ୍ରମ ମନୋଜ୍ଞ ସାଜେ ସଜ୍ଜା ସହ ଏକ ଅଞ୍ଚଳର ବିଶିଷ୍ଟ ଘଣ୍ଟ ବାଦ୍ୟ, ନୃତ୍ୟ, ଗୀତ, ଧମାଲ ବାଦ୍ୟ, ଝାଞ୍ଜ ବାଦ୍ୟ, ବିହୁ ଡ୍ୟାନ୍ସ, ମିନାବଜାର, ତାରକାସୁର ପରାକ୍ରମ, ପ୍ରଦର୍ଶନୀ ମେଳା, ସମ୍ବଲପୁରୀ ବସ୍ତ୍ର ପରିଧାନରେ ରେମ୍ପ ସୋ, ସମ୍ବଲପୁରୀ ଅର୍କେଷ୍ଟ୍ରା ତଥା ବିଭିନ୍ନ ଆତସ ବାଜିର ଅପୂର୍ବ ସମାରୋହ ମଧ୍ୟରେ ପାଳିତ ହେବାର ସ୍ଥିର ହୋଇ ରବିବାର ରାତ୍ର ୧୨ଟା ପରେ ଆତସବାଜି ସହ ଶିବ ବନ୍ଦନା କରାଯାଇ ଶୀତଳ ଷଷ୍ଠୀ ଯାତ୍ରା ମହୋତ୍ସବର ଶୁଭାରମ୍ଭ ହୋଇଥିଲା । ୧୫ ତାରିଖ ସୋମବାର ସକାଳ ୮ ଟା ୪୬ ଗତେ ଯାତ୍ରାକଆରୀ ଭକ୍ତ ବୃନ୍ଦ ସ୍ନାନାଦି ପରେ ଭଣ୍ଡାର ଗୃହ ନୃପରାଜ କ୍ଲବରେ ଶ୍ରୀ ଶ୍ରୀ ନଟରାଜ ଶିବଙ୍କ ସଂସ୍ଥାପନ, ପୂଜନ ଓ ଶତ ଆରତୀ ଅର୍ପଣ କରାଯାଇଥିଲା । ଏଥିରେ ମନୋଜ୍ଞ ଶୋଭାଯାତ୍ରା ସହ ଅପରାହ୍ନ ୫ଟାରେ ଭଣ୍ଡାର ଗୃହରୁ ବାହାରି ସନ୍ଧ୍ୟା ୬.୩୫ ରୁ ୭ଟା ମଧ୍ୟେ ଶ୍ରୀ ଶ୍ରୀ କପିଳେଶ୍ୱର ମନ୍ଦିରରୁ ଶିବ ପାର୍ବତୀଙ୍କୁ ଯାତ୍ରା ମଣ୍ଡପ ଭଣ୍ଡାର ଗୃହକୁ ଶୋଭାଯାତ୍ରା ସହ ଅଣାଯାଇଥିଲା । ସ୍ଥାନୀୟ ଗାନ୍ଧି ଚକରେ ଭକ୍ତବୃନ୍ଦଙ୍କ ଦ୍ୱାରା ସହସ୍ର ଆରତୀ ଆର୍ପଣ, ପ୍ରାର୍ଥନା, ଭୋଗ ଅର୍ପଣ ଓ ରାତ୍ରରେ ଶିବ ପାର୍ବତୀଙ୍କ ଭଣ୍ଡାର ଗୃହକୁ ପ୍ରବେଶ କରାଯାଇଥିଲା । ରାତ୍ର ୧୨ଟା ସମୟରେ ଶ୍ରୀ ଶ୍ରୀ କପିଳେଶ୍ୱର ମନ୍ଦିରରେ ମହାଦୀପ ସଂସ୍ଥାପନ ହୋଇଥିଲା । ଭଣ୍ଡାର ଗୃହ ସମ୍ମୁଖରେ ରାତ୍ର ୮ ଘଣ୍ଟା ସମୟରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନ୍ୟପକ୍ଷରେ ନୂଆଁପଡା ଶୈବ ଭକ୍ତମାନଙ୍କ ଦ୍ୱାରା ମାଁ ଜଗତ ଜଗତ ଜନନୀ ପାର୍ବତୀଙ୍କ ବିବାହ ନିମନ୍ତେ ବ୍ୟାପକ ପ୍ରସ୍ତୁତି ହୋଇଛି । ହିମାଦ୍ରୀ ନଗରବାସୀ ସକାଳ ୮ଟା ସମୟରେ ନାଟରାଜ ମୂର୍ତ୍ତି ସଂସ୍ଥାପନ କରି ପୂଜା ଅର୍ଚ୍ଚନା ସହ ଶତ ଆଳତି ପ୍ରଦାନ କରିଛନ୍ତି । ୧୬ ତାରିଖ ମଙ୍ଗଳବାର ପତରପେଣ୍ଡି ବା କନ୍ୟା ମନୋନୟନ, ୧୭ ତାରିଖ ବୁଧବାର ଭୈରବ ପରିକ୍ରମା, ୧୮ ତାରିଖ ଗୁରବାର ବରାନୁଗମାନ, ୧୯ ତାରିଖ ଶୁକ୍ରବାର ବିବାହ ବୈଠକୀ ଯାତ୍ରା, ୨୦ ତାରିଖ ଶନିବାର ମାତା ପାର୍ବତୀଙ୍କ ସ୍ୱଶୁରାଳୟ ଆଗମନ ବା ଲମ୍ବାନୀ ଯାତ୍ରା, ୨୧ ତାରିଖ ରବିବାର ଶୀତଳ ଷଷ୍ଠୀ ପ୍ରତ୍ୟାବର୍ତ୍ତନ ଶୋଭାଯାତ୍ରା ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଯାତ୍ରା କମିଟି ସଭାପତି ଆନନ୍ଦ ବାବୁ ଓ ସମ୍ପାଦକ ଜୟନ୍ତ ତ୍ରିପାଠୀ ସୂଚନା ଦେଇଛନ୍ତି ।

ଇବ ନଦୀରେ ଗାଧୋଇବାକୁ ଯାଇ ୨ ଯୁବକଙ୍କ ଜୀବନ ଗଲା

ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ

ଝାରସୁଗୁଡ଼ା ସଦର ଥାନା ଅନ୍ତର୍ଗତ ଇବ ନଦୀରେ ରବିବାର ଅପରାହ୍ନରେ ଘଟିଥିବା ଏକ ଦୁଃଖଦ ଘଟଣାରେ ଦୁଇ ଯୁବକଙ୍କର ମୃତ୍ୟୁ ଘଟିଛି । ମୃତକମାନେ ହେଲେ ଚୌକିପଡ଼ାର ପଙ୍କଜ କୁମାର ସାହୁ (୨୦) ଓ ଗିରିଜା ଶଙ୍କର ସାହୁ (୧୬) । ସୂଚନା ଅନୁଯାୟୀ, ଗାଧୋଇବା ସମୟରେ ଅସାବଧାନତାବଶତଃ ସେମାନେ ଗଭୀର ପାଣି ସ୍ରୋତକୁ ଚାଲିଯାଇ ବୁଡ଼ି ଯାଇଥିଲେ । ସ୍ଥାନୀୟ ଲୋକେ ଦୁଇଜଣଙ୍କୁ ବୁଡ଼ିଯାଉଥିବା ଦେଖି ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ପାଣିରୁ ବାହାର କରିବା ପରେ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ତେବେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ଖବରପାଇ ସଦର ଥାନା ଆଇଆଇସି ଶୋଭାକର ସେଠଙ୍କ ନେତୃତ୍ୱରେ ପୋଲିସ ଟିମ୍ ଚିକିତ୍ସାଳୟରେ ପହଞ୍ଚି ମୃତଦେହ ଜବତ କରିଥିଲା । ଏହି ଘଟଣାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚାଲିଥିବା ଥାନାଧିକାରୀ କହିଛନ୍ତି । ଶବ ବ୍ୟବଚ୍ଛେଦ ପରେ ମୃତଦେହ ଦୁଇଟି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

ମହିଳା ଓ ଶିଶୁ ବିକାଶ କାର୍ଯ୍ୟକ୍ରମକୁ ସୁଦୃଢ଼ କରିବା ପାଇଁ ଅଙ୍ଗନୱାଡି କର୍ମୀମାନଙ୍କୁ ଡିଜିଟାଲ୍ ଫୋନ୍ ବଣ୍ଟନ

କେନ୍ଦୁଝର, ନ୍ୟୁଜ୍

ରାଜ୍ୟର ଗରିବ ଓ ନିଷ୍ପେଷିତ ଜନସାଧାରଣଙ୍କ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ଦିଗରେ ଓଡ଼ିଶା ସରକାର ଏକ ଐତିହାସିକ ପଦକ୍ଷେପ ସ୍ୱରୂପ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟକ୍ରମ ପରିସରସ୍ଥ ଦରବାର ହଲ୍‌ଠାରେ ଏକ ଭବ୍ୟ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସ୍କୁଲ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ସାରସ୍ୱତ ସମାରୋହରେ ବର୍ତ୍ତମାନର ସରକାରଙ୍କ ସଫଳ ଦୁଇ ବର୍ଷ ପୂର୍ତ୍ତି ଉତ୍ସବ ମଧ୍ୟ ପାଳିତ ହୋଇଯାଇଛି । ଏହି ମାଇଲଖୁଣ୍ଟ ଅବସରରେ, ମହିଳା ଓ ଶିଶୁ ବିକାଶ କାର୍ଯ୍ୟକ୍ରମକୁ ଅଧିକ ସୁଦୃଢ଼ ଏବଂ ଡିଜିଟାଲାଇଜ୍ କରିବା ଉଦ୍ଦେଶ୍ୟରେ ଜିଲ୍ଲାର ଅଙ୍ଗନୱାଡ଼ି କର୍ମୀମାନଙ୍କୁ ସ୍ମାର୍ଟଫୋନ୍ ପ୍ରଦାନ କରାଯାଇଛି । ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ, କେନ୍ଦୁଝରଙ୍କ ତତ୍ତ୍ୱାବଧାନରେ ଏହି ସ୍ମାର୍ଟ ଫୋନ୍

ବଣ୍ଟନ ପ୍ରକ୍ରିୟା ଆୟୋଜିତ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ କେନ୍ଦୁଝର ସଦର ବ୍ଲକ୍ ପ୍ରକଳ୍ପ ଅଧୀନରେ ଥିବା ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ ମାନଙ୍କୁ ମନ୍ତ୍ରୀ ଓ ଅତିଥିମାନଙ୍କ ଦ୍ୱାରା ସ୍ମାର୍ଟଫୋନ୍ ହସ୍ତାନ୍ତର କରାଯାଇଛି । ଏହି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାଏକ, ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଏବଂ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ମମିତା ନାଏକ, ବିଧାୟକ ଚମ୍ପୁଆଙ୍କ ପ୍ରତିନିଧି ସଞ୍ଜୀବ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଶାସନିକ ସ୍ତରରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନ ଏବଂ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣଙ୍କ ସମେତ ଜିଲ୍ଲା ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ ଓ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ରକ୍ତଦାନ ପାଇଁ ଉତ୍ସାହିତ କଲେ ସିଆର୍‌ପିଏଫ୍ କମାଣ୍ଡାଣ୍ଟ

ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ

ବିଶ୍ୱ ରକ୍ତଦାନ ଦିବସ ଉପଲକ୍ଷେ, ଚତୁର୍ଥ ବାଟାଲିୟନ୍ ସିଆର୍‌ପିଏଫ୍ ରାୟଗଡ଼ା କ୍ୟାମ୍ପସ୍‌ରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା । ଚତୁର୍ଥ ବାଟାଲିୟନ୍ ସିଆର୍‌ପିଏଫ୍, କମାଣ୍ଡାଣ୍ଟ ଫିରୋଜ କୁଜୁର ନିଜେ ରକ୍ତଦାନ କରି ଉତ୍ସବର ଶୁଭାରମ୍ଭ କରିଥିଲେ ଏବଂ ଏହି ୟୁନିଟ୍‌ର ଅଧିକାରୀଗଣ ଏବଂ କାର୍ମିକଙ୍କୁ ଏକ ଉପଯୁକ୍ତ ପ୍ରେରଣା ଦେଇଥିଲେ । କମାଣ୍ଡାଣ୍ଟ ପରିବାର ସଦସ୍ୟମାନଙ୍କୁ ରକ୍ତଦାନ କରିବା ପାଇଁ ପ୍ରେରଣା ଦେଇଥିଲେ । ଯାହାଦ୍ୱାରା ସାଧାରଣ ଲୋକଙ୍କ ଜୀବନ ରକ୍ଷା କରାଯାଇପାରିବ, ଯେଉଁମାନଙ୍କୁ ଏହି ୟୁନିଟ୍ ୨୦୦୭ ମସିହାରୁ ନକ୍ସଲ ବିପଦରୁ ନିରନ୍ତର ରକ୍ଷା କରୁଛି । ରାୟଗଡ଼ା ରେଡକ୍ରସ୍ ସେଲ୍ ପୂର୍ବରୁ ରକ୍ତ ଅଭାବର ସମ୍ମୁଖୀନ ହେଉଛି । ତେଣୁ, ଚତୁର୍ଥ ବାଟାଲିୟନ୍ ସିଆର୍‌ପିଏଫ୍ ଫିରୋଜ କୁଜୁର, କମାଣ୍ଡାଣ୍ଟ ସର୍ବଦା ନିଜ କାର୍ମିକ ତଥା ଏବଂ ସାଧାରଣ ନାଗରିକଙ୍କୁ ସୁରକ୍ଷା ଦେବାକୁ ଚିନ୍ତା କରନ୍ତି ଯେଉଁମାନେ ହସ୍ପିଟାଲ୍‌ରେ ରକ୍ତ ୟୁନିଟ୍ ଆବଶ୍ୟକ କରନ୍ତି । ଏହି ମହତ କାର୍ଯ୍ୟ ପାଇଁ ତାଙ୍କ ଅଧିକାରୀଗଣ ଏବଂ କାର୍ମିକଙ୍କୁ ନିର୍ଦ୍ଦେଶ ମଧ୍ୟ ଦିଅନ୍ତି । ଏହି ଅବସରରେ ମୋଟ୍ ୨୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ, ଫିରୋଜ କୁଜୁର, କମାଣ୍ଡାଣ୍ଟଙ୍କ ପତ୍ନୀ ମଞ୍ଜୁଳା ଟେକ୍ରୋଙ୍କ ଉପସ୍ଥିତିରେ ରକ୍ତଦାତାମାନଙ୍କୁ ପାନୀୟ ଏବଂ ପ୍ରମାଣପତ୍ର ବଣ୍ଟନ କରିଥିଲେ । ରେଡକ୍ରସ୍ ସୋସାଇଟିର ଡାକ୍ତର ଗୌତମ ପଟ୍ଟନାୟକଙ୍କ ସହ ଫିରୋଜ କୁଜୁର, କମାଣ୍ଡାଣ୍ଟ ସେକେଣ୍ଡ-ଇନ୍-କମାଣ୍ଡାଣ୍ଟ (ପ୍ରଶାସନ) ପ୍ରଭାକର ଉପାଧ୍ୟାୟ, ସେକେଣ୍ଡ-ଇନ୍-କମାଣ୍ଡାଣ୍ଟ (ପରିଚାଳନ) ସଞ୍ଜୟ କୁମାର ରାଉତ ଏବଂ ଡାକ୍ତର ଏମ୍. ଗୌତମୀ, ଚିକିତ୍ସା ଅଧିକାରୀ ତଥା ଅନ୍ୟ କାର୍ମିକ ଉପସ୍ଥିତ ରହି ରକ୍ତଦାନ କରିଥିଲେ । ତା'ପରେ ଚତୁର୍ଥ ବାଟାଲିୟନ୍ ସିଆର୍‌ପିଏଫ୍ କମାଣ୍ଡାଣ୍ଟ ଫିରୋଜ୍ କୁଜୁରଙ୍କ ମାର୍ଗଦର୍ଶନରେ ସମସ୍ତ ସଦସ୍ୟ ରକ୍ତଦାନ ପାଇଁ ଏକ ଶପଥ ନେଇଥିଲେ । ଚତୁର୍ଥ ବାଟାଲିୟନ୍ ସିଆର୍‌ଏଫ୍ କମାଣ୍ଡାଣ୍ଟ ଫିରୋଜ୍ କୁଜୁର, ରେଡକ୍ରସ୍ ସୋସାଇଟି କର୍ମଚାରୀଙ୍କ ସହିତ ଚତୁର୍ଥ ବାଟାଲିୟନ୍ ସିଆର୍‌ପିଏଫ୍‌ର ସମସ୍ତ ରକ୍ତଦାତା ଏବଂ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଥିଲେ ।

ନିର୍ଯାତିତା ସରପଞ୍ଚଙ୍କୁ ଭେଟିଲେ ରାଜ୍ୟ ବିଜେଡି ମହିଳା ପ୍ରତିନିଧି ମଣ୍ଡଳୀ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡାର ବହୁ ଚର୍ଚ୍ଚିତ ମହାକାଳପଡା ବ୍ଲକ ଅନ୍ତର୍ଗତ ତିଖିରି ପଞ୍ଚାୟତର ସରପଞ୍ଚ ଚାମେଲି ଓଝାଙ୍କର ନିର୍ଯାତନା ଘଟଣା ଓଡ଼ିଶା ସାରା ଜଣାପଡିବା ପରେ ପ୍ରତ୍ୟେକ ଦିନ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବିଭିନ୍ନ ପ୍ରତିନିଧି ମଣ୍ଡଳୀ ତାଙ୍କୁ ଭେଟିବା ସହ ବରିଷ୍ଠ ଅଧିକାରୀମାନଙ୍କ ସହ ତାଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ଆଲୋଚନା କରୁଛନ୍ତି । ଏହି ପରିପ୍ରେକ୍ଷାରେ ରାଜ୍ୟ ବିଜେଡି ମହିଳା ଏକ ପ୍ରତିନିଧି ମଣ୍ଡଳୀ କେନ୍ଦ୍ରାପଡାରେ ପହଞ୍ଚି କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରାଙ୍କ ନେତୃତ୍ୱରେ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର୍.ଆୟାର ଓ ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆଙ୍କୁ ଭେଟି ଆଲୋଚନା କରିଛନ୍ତି । କେନ୍ଦ୍ରାପଡା ପୌର ଅଧ୍ୟକ୍ଷା ସରିତା ସାହୁଙ୍କ ତତ୍ତ୍ୱାବଧାନରେ ରାଜ୍ୟ ସାଧାରଣ ସମ୍ପାଦକ ସରୋଜିନୀ ସାମଲ, ନିରୁପମା ହାତୀ, କେନ୍ଦ୍ରାପଡା ଜୋନ୍ ସଭାପତି ଜ୍ୟୋତ୍ସ୍ନାମୟୀ ପରିଡା, ପୂର୍ବତନ ମହିଳା କମିଶନ ଅଧ୍ୟକ୍ଷ ଡକ୍ଟର ମିନତୀ ବେହେରା, ରାଜ୍ୟ ମହିଳା ସଂଖ୍ୟାଲଘୁ ସେଲ୍‌ର କୋ କନ୍‌ଭେନର୍ ଚିଜୁଓ୍ୱନା ବେଗମ୍, ରାଜ୍ୟ ଛାତ୍ର ବିଜେଡି ସଭାପତି ଇପ୍‌ସିତା ସାହୁ, ପୂର୍ବତନ ସରପଞ୍ଚ ଲୋପାମୁଦ୍ରା ବାରିକ, ପ୍ରିୟଦର୍ଶିନୀ ତରାଇ, ନଳିନୀ ପ୍ରଭା ଚୌଧୁରୀ, ଜିନତ୍ ପ୍ରିୟଦର୍ଶିନୀ ରାଉତ, ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ, ସୁମିତ୍ରା ପାଢି, ଜ୍ୟୋତିରେଖା ନାୟକ, ହିରଣ୍ୟ ପଣ୍ଡା, ରଶ୍ମିରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ରହି ଚମେଲି ଓଝାଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଉ । ଚାମେ

ଗୋଟିଏ ଦିନରେ ଆଫଗାନିସ୍ତାନ ବିପକ୍ଷରେ ଦୁଇଟି ମ୍ୟାଚ୍ ଖେଳିବ ଭାରତ

ନୂଆଦିଲ୍ଲୀ

ଆସନ୍ତା ୧୭ ତାରିଖରେ ଭାରତୀୟ କ୍ରିକେଟର ପ୍ରେମୀଙ୍କ ପାଇଁ ଏକ ଉତ୍ସାହର ଦିନ ହେବାକୁ ଯାଉଛି । ଏହି ଗୋଟିଏ ଦିନରେ ଭାରତ ଖେଳିବ ଦୁଇଟି ମ୍ୟାଚ୍ । ତାହା ପୁଣି ଗୋଟିଏ ଦଳ ବିପକ୍ଷରେ । ଆଫଗାନିସ୍ତାନ ବିପକ୍ଷରେ ହିଁ ଏହି ଗୋଟିଏ ଦିନରେ ଦୁଇଟି ମ୍ୟାଚ୍ ଖେଳିବ ।

ଭାରତ-ଏ ଏବେ ଶ୍ରୀଲଙ୍କାରେ ତ୍ରିରାଷ୍ଟ୍ରୀ ସିରିଜ ଖେଳୁଛି । ଶ୍ରୀଲଙ୍କା-ଆଫଗାନିସ୍ତାନ ସହ ଚାଲିଛି ମ୍ୟାଚ୍ । ତେବେ ୧୭ ତାରିଖରେ ଭାରତ-ଏ ଆଫଗାନିସ୍ତାନ ଏ'କୁ ଭେଟିବ । ଏହି ମ୍ୟାଚ୍‌ଟି ଦିନ ୧୦ଟା ସମୟରେ ଆରମ୍ଭ ହେବାକୁ ଯାଉଛି । ଯାହାକି ଭାରତୀୟ ଯୁବ କ୍ରିକେଟରମାନେ କ୍ରୀଡ଼ାପ୍ରେମୀଙ୍କ ମନୋରଞ୍ଜନ କରିବେ । ତଥାପି ଆଇପିଏଲରେ କମାଲ କରିଥିବା ବହୁ ଯୁବ ପ୍ରତିଭା ଏହି ଟିମ୍‌ର ସଦସ୍ୟ ରହିଛନ୍ତି । ସେପଟେ ସମାନ ଦିନ ଶୁଭମନ ଗିଲଙ୍କ ଅଧିନାୟକତ୍ୱରେ ଟିମ୍ ଇଣ୍ଡିଆ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ର ଦ୍ୱିତୟ ମ୍ୟାଚ ଖେଳିବ । ଲକ୍ଷ୍ନୌର ଅଟଳ ବିହାରୀ ଷ୍ଟାଡିୟମରେ ଏହି ମ୍ୟାଚ ଖେଳାଯିବ । ଦିନ ସଢ଼େ ଗୋଟେରେ ମ୍ୟାଚ୍ ଅନୁଷ୍ଠିତ ହେବ । ପ୍ରଥମ ମ୍ୟାଚ୍‌ରେ ବର୍ଷା ପାଇଁ ୨୫ ଓଭର ବିଶିଷ୍ଟ ମୁକାବିଲା ଖେଳାଯାଇଥିବା ବେଳେ ଭାରତ ୭ ୱିକେଟରେ ଜିତି ନେଇଥିଲା । ଏବେ ଦ୍ୱିତୀୟ ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା ରଖିଛନ୍ତି କ୍ରିକେଟପ୍ରେମୀ । ଏହାସହ ଏହି ଦିନ ଭାରତୀୟ ମହିଳା ଦଳର ମ୍ୟାଚ୍ ମଧ୍ୟ ରହିଛି । ମହିଳା ଟି-୨୦ ବିଶ୍ୱକପ ଇଂଲଣ୍ଡରେ ଖେଳାଯାଉଥିବା ବେଳେ ଭାରତ ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନକୁ ହରାଇଛି । ୧୭ ତାରିଖରେ ନେଦରଲ୍ୟାଣ୍ଡ ବିପକ୍ଷରେ ମ୍ୟାଚ ଖେଳିବ ଭାରତୀୟ ମହିଳା ଦଳ । ଗୋଟିଏ ଦିନରେ ଭାରତୀୟ ପ୍ରଶଂସକାମାନେ ତିନିଟି ମ୍ୟାଚ୍ ଦେଖିବାକୁ ପାଇବେ ।

ନିରାଶ କଲେ ବୈଭବ : ସୁପର ଓଭରରେ ଶ୍ରୀଲଙ୍କାଠାରୁ ହାରିଲା ଭାରତ

ଡାମ୍ବୁଲା

ଭାରତ ଏ' ଏବଂ ଶ୍ରୀଲଙ୍କା ଏ' ମଧ୍ୟରେ ରୋମାଞ୍ଚକର ମ୍ୟାଚ୍ ସୁପର ଓଭରରେ ଶେଷ ହୋଇଛି । ଆୟୋଜକ ଶ୍ରୀଲଙ୍କା, ଭାରତକୁ ଛଅ ରନରେ ପରାସ୍ତ କରି ପଏଣ୍ଟ ଟେବୁଲର ଶୀର୍ଷରେ ପହଞ୍ଚିଛି । ଉଭୟ ଦଳ ନିର୍ଦ୍ଧାରିତ ୫୦ ଓଭରରେ ପ୍ରତ୍ୟେକେ ୨୬୫ ରନ ସଂଗ୍ରହ କରିଥିଲେ, ଯାହା ମ୍ୟାଚ୍‌କୁ ସୁପର ଓଭରକୁ ନେଇ ଯାଇଥିଲା ।

ଭାରତ ପ୍ରଥମେ ବ୍ୟାଟିଂ କରି ୪୯.୨ ଓଭରରେ ୨୬୫ ରନ୍ କରିଥିଲା । ଏହାର ଜବାବରେ ଶ୍ରୀଲଙ୍କା ମଧ୍ୟ ୨୬୫ ରନ୍ କରିଥିଲା । ଏହାପରେ ଅମ୍ପାୟାର ଏବଂ ଭାରତୀୟ ଟିମ୍ ଅଧିନାୟକ ତିଲକ ବର୍ମାଙ୍କ ମଧ୍ୟରେ ସୁପର ଓଭରକୁ ନେଇ ଆଲୋଚନା ହୋଇଥିଲା । ବ୍ୟାଡ୍ ଲାଇଟ୍ ଯୋଗୁ ଅମ୍ପାୟାର ପ୍ରଥମେ ମ୍ୟାଚ୍‌କୁ ଟାଇ ରଖିବା ଉପରେ ଜୋର ଦେଇଥିଲେ । କିନ୍ତୁ କିଛି ସମୟ ପରେ ଅମ୍ପାୟାର ସୁପର ଓଭର ପାଇଁ ରାଜି ହୋଇଥିଲେ । ସୁପର ଓଭରରେ ଶ୍ରୀଲଙ୍କା ଟିମ୍ ୧୭ ରନ୍ ଟାର୍ଗେଟ୍ ଦେଇଥିଲା, କିନ୍ତୁ ଭାରତୀୟ ଟିମ୍ ମାତ୍ର ୯ ରନ୍ କରିବାର ସକ୍ଷମ ହେଲା । ଟ୍ରାଇ ନେସନ୍ ଏ' ସିରିଜରେ ଭାରତ ଏ'ର ଲାଗାତାର ଦ୍ୱିତୀୟ ପରାଜୟ ଅଟେ । ଏହା ପୂର୍ବରୁ ଆଫଗାନିସ୍ତାନଠାରୁ ମଧ୍ୟ ଟିମ୍ ପରାଜିତ ହୋଇଥିଲା ।

ସୋମବାର ମ୍ୟାଚରେ ଶ୍ରୀଲଙ୍କା ଦଳ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ଭାରତୀୟ ଦଳ ପ୍ରଥମରୁ ହିଁ ବ୍ୟାଟିଂ ବିପର୍ଯ୍ୟୟର ସାମ୍ନା କରିଥିଲା । ଓପନର ବୈଭବ ସୂର୍ଯ୍ୟବଂଶୀ ୨୧ ରନ, ପ୍ରଭସିମରନ ସିଂ ୧୧ ରନ୍ ଏବଂ ଅଧିନାୟକ ତିଲକ ବର୍ମା ମାତ୍ର ୨୩ ରନ୍ କରି ଶୀଘ୍ର ଆଉଟ୍ ହୋଇଯାଇଥିଲେ । ଫର୍ମରେ ଥିବା ଋତୁରାଜ ଗାଏକ୍ୱାଡ୍ ୩୭ ରନ ପାଳି ଖେଳିଥିଲେ ମଧ୍ୟ ଭାରତ ମାତ୍ର ୧୪୩ ରନରେ ୭ଟି ଗୁରୁତ୍ୱପୂର୍ଣ୍ଣ ୱିକେଟ୍ ହରାଇ ସଙ୍କଟରେ ପଡ଼ିଥିଲା । ଏହି ସମୟରେ ସୂର୍ଯ୍ୟାଂଶ ଶେଡଗେ (୭୨ ରନ) ଏବଂ ବିପ୍ରାଜ ନିଗମ (୫୧ ରନ) ଚମତ୍କାର ବ୍ୟାଟିଂ କରି ନିଜର ଲିଷ୍ଟ ଏ' କ୍ୟାରିୟରର ପ୍ରଥମ ଅର୍ଦ୍ଧଶତକ ହାସଲ କରିବା ସହ ୮ମ ୱିକେଟ୍ ପାଇଁ ୧୦୦ରୁ ଅଧିକ ରନର ଭାଗିଦାରୀ କରିଥିଲେ । ଏହି ଦୁଇଜଣଙ୍କ ଲଢୁଆ ବ୍ୟାଟିଂ ବଳରେ ଭାରତୀୟ ଦଳ ୪୯.୨ ଓଭରରେ ସମସ୍ତ ୱିକେଟ୍ ହରାଇ ୨୬ ରନର ଏକ ସମ୍ମାନଜନକ ସ୍କୋର ଛିଡ଼ା କରିପାରିଥିଲା ।

ଏହାର ଜବାବରେ ୨୬୬ ରନର ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଶ୍ରୀଲଙ୍କାକୁ ଏକ ପେନାଲ୍ଟି କାରଣରୁ ପାଳି ଆରମ୍ଭ ପୂର୍ବରୁ ହିଁ ୫ ରନ୍ ବୋନସ୍ ଆକାରରେ ମିଳିଥିଲା । ଶ୍ରୀଲଙ୍କାର ଓପନରମାନେ ଦଳକୁ ଏକ ଦ୍ରୁତ ଆରମ୍ଭ ଦେଇ ୪ ଓଭରରେ ୪୬ ରନ୍ ସଂଗ୍ରହ କରିଥିଲେ । ଅଭିଷ୍କା ଫର୍ଣ୍ଣାଣ୍ଡୋଙ୍କୁ ୨୨ ରନରେ ଆଉଟ୍ କରି ଭାରତ ପାଇଁ ପ୍ରଥମ ସଫଳତା ନିଶାନ୍ତ ସିନ୍ଧୁ ଆଣିଥିଲେ । ଏହାପରେ ନିୟମିତ ଭାବେ ଶ୍ରୀଲଙ୍କାର ୱିକେଟ ପତନ ହୋଇଥିଲା । ଶ୍ରୀଲଙ୍କା ପକ୍ଷରୁ

ପଡ଼ିଆ ମଝିରେ ମହାଭାରତ : ବୈଭବ ସୂର୍ଯ୍ୟବଂଶୀଙ୍କ ସହ ମୁହାଁମୁହିଁ ହେଲେ ଶ୍ରୀଲଙ୍କା ଟିମ୍

ନୂଆଦିଲ୍ଲୀ

ଭାରତ ବିପକ୍ଷରେ ବିଜୟ ଲାଭ କରି ଶ୍ରୀଲଙ୍କା ଖେଳାଳିମାନେ ବୈଭବଙ୍କୁ କିଛି ମନ୍ତବ୍ୟ ଦେଇଥିଲେ । ଏହି ମନ୍ତବ୍ୟରେ କ୍ରୋଧିତ ହୋଇ ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ଶ୍ରୀଲଙ୍କା ଖେଳାଳିଙ୍କ ସହ ଝଗଡ଼ା କରିଥିଲେ । ଘଟଣାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏହି ସମ୍ପୂର୍ଣ୍ଣ ଘଟଣାଟି ସୁପର ଓଭର ଶେଷ ହେବା ପରେ ଘଟିଥିଲା । ବୈଭବ ସୁପର ଓଭରର ଶେଷ ବଲରେ ଏକ ରନ ସ୍କୋର କରିବାରେ ବିଫଳ ହୋଇଥିଲେ, ଯାହା ଫଳରେ ଭାରତ-ଏ ଦଳ ପରାଜୟବରଣ କରିଥିଲା । ଶ୍ରୀଲଙ୍କା ଦଳ ସେମାନଙ୍କର ବିଜୟର ଉତ୍ସବ ପାଳନ କରିବା ଆରମ୍ଭ କରିବା ସମୟରେ, ଶ୍ରୀଲଙ୍କା ଖେଳାଳି ବିଶେନ ହାଲାମ୍ବାଗେ ବୈଭବ ଏବଂ ସୂର୍ଯ୍ୟାଂଶ ଶେଡଗେଙ୍କୁ କିଛି କହିଥିଲେ, ଯାହା ଫଳରେ ଖେଳାଳିମାନଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । ବୈଭବ ଶ୍ରୀଲଙ୍କା ଖେଳାଳିଙ୍କୁ ଧକ୍କା ଦେଇଥିଲେ ଏବଂ ଶ୍ରୀଲଙ୍କା ଖେଳାଳିମାନେ ମଧ୍ୟ ପ୍ରତିଶୋଧ ନେଇଥିଲେ । ଯଦିଓ କିଛି ଶ୍ରୀଲଙ୍କା ଖେଳାଳି ଶେଷରେ ହାତାହାତି ଦୂର କରିବା ପାଇଁ ହସ୍ତକ୍ଷେପ କରିଥିଲେ, ବୈଭବ ଡ୍ରେସିଂ ରୁମ୍‌କୁ ଫେରିବା ସମୟରେ ସ୍ପଷ୍ଟ ଭାବରେ କ୍ରୋଧିତ ଦେଖା ଯାଉଥିଲେ, ଶ୍ରୀଲଙ୍କା ଖେଳାଳିଙ୍କ ଆଡ଼କୁ ଇଙ୍ଗିତ କରି ଏବଂ ସେମାନଙ୍କ ଉପରେ କିଛି ଚିତ୍କାର କରୁଥିଲେ ।

ଫିଫା ବିଶ୍ୱକପ୍ ୨୦୨୬ : ଟ୍ୟୁନିସିଆକୁ ୫-୧ ଗୋଲରେ ପରାସ୍ତ କଲା ସ୍ୱିଡେନ, ନେଦରଲାଣ୍ଡସ-ଜାପାନ ମ୍ୟାଚ୍ ଡ୍ର'

ମାଣ୍ଟେରି

ଫିଫା ବିଶ୍ୱକପ୍ ୨୦୨୬ର ଗ୍ରୁପ୍ ଏଫ୍ ମୁକାବିଲାରେ ସୋମବାର ସ୍ୱିଡେନ ଚମତ୍କାର ପ୍ରଦର୍ଶନ କରି ଟ୍ୟୁନିସିଆକୁ ୫-୧ ଗୋଲ୍‌ରେ ପରାସ୍ତ କରିଛି । ମଣ୍ଟେରୀ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମୁକାବିଲାରେ ସ୍ୱିଡେନର ସମ୍ପୂର୍ଣ୍ଣ ଦବଦବା ଦେଖିବାକୁ ମିଳିଥିଲା ଏବଂ ଦଳ ଟ୍ୟୁନିସିଆକୁ ପ୍ରତ୍ୟାବର୍ତ୍ତନ କରିବାର କୌଣସି ସୁଯୋଗ ଦେଇନଥିଲା ।

ସ୍ୱିଡେନ ପକ୍ଷରୁ ୟାସିନ ଅୟାରୀ, ଆଲେକ୍ସଜାଣ୍ଡାର ଇସାକ ଓ ଭିକ୍ଟର ଗ୍ୟୋକେରେସ ଚମତ୍କାର ପ୍ରଦର୍ଶନ କରି ଦଳର ବଡ଼ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ମ୍ୟାଚ୍‌ର ଆରମ୍ଭରୁ ହିଁ ସ୍ୱିଡେନ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ଟ୍ୟୁନିସିଆର ଡିଫେନ୍ସ ଉପରେ ନିରନ୍ତର ଚାପ ବଜାୟ ରଖିଥିଲା । ପ୍ରଥମ ହାଫ୍‌ରେ ସ୍ୱିଡେନ ପ୍ରଥମ ଗୋଲ୍ କରି ଆଗୁଆ ରହିଥିଲା ।

ଦ୍ୱିତୀୟ ହାଫ୍‌ରେ ସ୍ୱିଡେନ ଜବରଦସ୍ତ ଖେଳ ପ୍ରଦର୍ଶନ କରି ମୁକାବିଲାକୁ ସମ୍ପୂର୍ଣ୍ଣ ନିଜ ସପକ୍ଷରେ ରଖିଥିଲା । ଟ୍ୟୁନିସିଆ ଡିଫେନ୍ସର ଭୁଲ୍‌ର ଫାଇଦା ଉଠାଇ ଆଲେକ୍ସଜାଣ୍ଡାର ଇସାକ ବଲ୍ ଛଡ଼ାଇ ନେଇଥିଲେ ଏବଂ ଭିକ୍ଟର ଗ୍ୟୋକେରେସଙ୍କୁ ପାସ୍ ଦେଇଥିଲେ । ଏହାପରେ ଗ୍ୟୋକେରେସ ସହଜରେ ଗୋଲ୍ କରି ସ୍କୋରକୁ ୩-୧ କରିଥିଲେ । ମ୍ୟାଚ୍‌ର ଶେଷ ଭାଗରେ ୟାସିନ ଅୟାରୀ ଆଉ ଏକ ଚମତ୍କାର ଦୂରଗାମୀ (ଲଙ୍ଗ୍ ଡିଷ୍ଟାନ୍ସ) ସଟ୍ ମାରି ନିଜର ଦ୍ୱିତୀୟ ଗୋଲ୍ କରିଥିଲେ

ଏବଂ ଦଳର ୫-୧ର ବିଜୟ ସୁନିଶ୍ଚିତ କରିଥିଲେ ।

ଅନ୍ୟପଟେ, ନେଦରଲାଣ୍ଡସ ବିପକ୍ଷରେ ଜାପାନ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ମ୍ୟାଚକୁ ୨-୨ ଗୋଲ୍‌ରେ ଡ୍ର' ରଖିଛି । ଜାପାନ ମ୍ୟାଚରେ ପଛୁଆ ଥିଲା ଏବଂ ଦଳ ହାରିଯିବ ବୋଲି ମନେହେଉଥିଲା, କିନ୍ତୁ ୮୮ତମ ମିନିଟରେ ସେମାନେ ଗୋଲ୍ ସ୍କୋର କରିବାକୁ ସଫଳ ହୋଇଥିଲେ । ଦୁଇଥର ପଛୁଆ ରହିବା ସତ୍ତ୍ୱେ ଦଳ ଜବରଦସ୍ତ ବାଉନ୍ସବ୍ୟାକ୍ କରି ମ୍ୟାଚ୍‌କୁ ୨-୨ରେ ବରାବର କରିଥିଲା ।

ନେଦରଲାଣ୍ଡସ ପକ୍ଷରୁ କ୍ରିସେନସିଓ ସମରଭିଲେ ଏବଂ ଭ୍ୟାନ୍ ଡାଇକ୍ ଗୋଲ୍ କରିଥିବା ବେଳେ ଜାପାନ ପକ୍ଷରୁ ନାକାମୁରା ଏବଂ କାମାଡା ଗୋଲ୍ ସ୍କୋର କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ଏହା ପ୍ରଥମ ସୁଯୋଗ ଥିଲା ଯେଉଁଠାରେ ନେଦରଲାଣ୍ଡସ ବିଶ୍ୱକପ୍ ମ୍ୟାଚ୍ ପାଇଁ ନିଜର ପ୍ରାରମ୍ଭିକ ଏକାଦଶରେ ଜଣେ ହେଲେ ବି ଘରୋଇ ଲିଗ୍‌ର ଖେଳାଳିଙ୍କୁ ସାମିଲ କରିନଥିଲା ।

ଅମାଦ ଡିଆଲୋଙ୍କ ୯୦ତମ ମିନିଟ୍ ଗୋଲ୍ ସହାୟତାରେ ଆଇଭରି କୋଷ୍ଟ, ଫିଲାଡେଲଫିଆ ଷ୍ଟାଡିୟମରେ ଅନୁଷ୍ଠିତ ଫିଫା ବିଶ୍ୱକପ୍ ୨୦୨୬ର ଗ୍ରୁପ୍-ଇ ମୁକାବିଲାରେ ଇକ୍ୱାଡୋରକୁ ୧-୦ ଗୋଲ୍‌ରେ ପରାସ୍ତ କରିଛି । ମ୍ୟାଚ୍‌ଟି ଗୋଲ୍ ଶୂନ୍ୟ ଡ୍ର' ଆଡ଼କୁ ଗତି କରୁଥିଲା, କିନ୍ତୁ ସବ୍‌ଷ୍ଟିଚ୍ୟୁଟ୍ ଭାବେ ମୈଦାନକୁ ଆସିଥିବା ଅମାଦ ଲୋୟର କର୍ଣ୍ଣରରେ ଏକ ଚମତ୍କାର ସଟ୍ ମାରି ନିଜ ଦଳକୁ ୨୦୧୪ ମସିହା ପରେ ପ୍ରଥମ ବିଶ୍ୱକପ୍ ବିଜୟ ଭେଟି ଦେଇଥିଲେ ।

ଏହି ବିଜୟ ସହିତ ଆଇଭରି କୋଷ୍ଟ ଗ୍ରୁପ୍-ଇରେ ଜର୍ମାନୀ ପରେ ଦ୍ୱିତୀୟ ସ୍ଥାନରେ ପହଞ୍ଚିଯାଇଛି । ଜର୍ମାନୀ ରବିବାର କୁରାକାଓକୁ ୭-୧ ଗୋଲ୍‌ରେ ହରାଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ମାତ୍ର ୧୯ ବର୍ଷ ୨୧୨ ଦିନ ବୟସରେ, ୟାନ ଡିଓମାଣ୍ଡେ ଆଇଭରି କୋଷ୍ଟ ପାଇଁ ଫିଫା ବିଶ୍ୱକପ୍ ମ୍ୟାଚ୍ ଖେଳିଥିବା ପ୍ରଥମ କିଶୋର ଖେଳାଳି ପାଲଟିଛନ୍ତି ।

ପ୍ରତିଯୋଗିତାକୁ ଫେରିବେ ନୀରଜ

ନୂଆଦିଲ୍ଲୀ

ଦୁଇ ଅଲିମ୍ପିକ୍ ପଦକ ବିଜେତା ନୀରଜ ଚୋପ୍ରା ପୁଣି ଥରେ ପ୍ରତିଯୋଗିତାକୁ ଫେରିବେ । ଏହି ପୂର୍ବ ବିଶ୍ୱ ବିଜେତା ଜାଭ୍‌ଲିନ୍ ଫିଙ୍ଗାଳି ଚଳିତ ମାସ ୧୯ ତାରିଖରେ ହେବାକୁ ଥିବା ଦୋହା ଡାଇମଣ୍ଡ ଲିଗ୍‌ରେ ଅଂଶଗ୍ରହଣ କରିବେ । ସଂପ୍ରତି ସ୍ୱିଜରଲାଣ୍ଡରେ ଅଭ୍ୟାସ କରୁଥିବା ନୀରଜ ୨୦୨୫ ବିଶ୍ୱ ଚାମ୍ପିଅନ୍‌ସିପ୍ ପରେ ଆଉ ପ୍ରତିଯୋଗିତାକୁ ଓହ୍ଲାଇ ନାହାନ୍ତି । ସେ ପିଠି ଯନ୍ତ୍ରଣାରୁ ସମ୍ପୂର୍ଣ୍ଣ ମୁକୁଳିବାକୁ କିଛି ଦିନ ପ୍ରତିଯୋଗିତାରୁ ଦୂରେଇ ରହିଥିଲେ । ଆହତ ଜନିତ କାରଣରୁ ନୀରଜଙ୍କୁ ଆଗାମୀ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଲାଗି ରବିବାର ଘୋଷିତ ଭାରତୀୟ ଦଳରେ ସର୍ତ୍ତମୂଳକ ଭାବେ ସ୍ଥାନ ମିଳିଛି । ଦଳରେ ସ୍ଥାନ ପକ୍କା କରିବାକୁ ହେଲେ ତାଙ୍କୁ ଭାରତୀୟ ଦୌଡ଼କୁଦ ଦ୍ୱାରା ରଖାଯାଇଥିବା ଯୋଗ୍ୟତା ମାନଦଣ୍ଡ ୮୨.୬୧ ମିଟର ଜାଭ୍‌ଲିନ୍ ଫିଙ୍ଗିବାକୁ ପଡ଼ିବ । ଗ୍ଲାସ୍‌ଗୋ ହେବାକୁ ଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ଲାଗି ଭାରତୀୟ ଦଳରେ ୩ ଜଣ ଜାଭ୍‌ଲିନ୍ ଫିଙ୍ଗାଳିଙ୍କୁ ସ୍ଥାନ ମିଳିଛି । ନୀରଜଙ୍କ ବାଦ୍ ଦଳରେ ସ୍ଥାନ ପାଇଥିବା ରୋହିତ ଯାଦବ ଓ ଯଶବୀର ଇଣ୍ଡିଆନ୍ ଆଥ୍‌ଲେଟିକ୍ ସିରିଜ୍ ୯ରେ ମାନଦଣ୍ଡ ପୂରଣ କରିଥିଲେ ।

ଆର୍ଚ୍ଚରୀ ବିଶ୍ୱକପ୍‌ରେ ଧୀରଜ ବୋମ୍ମାଦେବରାଙ୍କ କମାଲ : ଜିତିଲେ ଡବଲ୍ ଗୋଲ୍ଡ

ଅନ୍ତଲ୍ୟା



ଭାରତର ଧୀରଜ ବୋମ୍ମାଦେବରା ତୁର୍କୀର ଅନ୍ତଲ୍ୟାଠାରେ ଆୟୋଜିତ ଆର୍ଚ୍ଚରୀ ୱାର୍ଲ୍ଡ କପ୍ ଷ୍ଟେଜ୍-୩ରେ ଏକ ସ୍ମରଣୀୟ ପ୍ରଦର୍ଶନ କରିଛନ୍ତି । ମିକ୍ସଡ୍ ଟିମ୍ ଇଭେଣ୍ଟରେ କୁମକୁମ ମୋହୋଦଙ୍କ ସହ ମିଶି ସ୍ୱର୍ଣ୍ଣ ପଦକ ଜିତିବା ପରେ, ସେ ବ୍ୟକ୍ତିଗତ ରିକର୍ଭରେ ସ୍ୱର୍ଣ୍ଣ ପଦକ ହାସଲ କରି ଡବଲ ଗୋଲ୍ଡ ଜିତିବାରେ ସଫଳ ହୋଇଛନ୍ତି । ୨୪ ବର୍ଷୀୟ ଧୀରଜ ପୁରୁଷ ବ୍ୟକ୍ତିଗତ ରିକର୍ଭ ଫାଇନାଲରେ ଚମତ୍କାର ପ୍ରଦର୍ଶନ କରି ଅଲିମ୍ପିକ୍ କାଂସ୍ୟ ପଦକ ବିଜେତା ଦକ୍ଷିଣ କୋରିଆର ଲି ୱୁ-ସିଓକଙ୍କୁ ୭-୩ ବ୍ୟବଧାନରେ ପରାସ୍ତ କରିଛନ୍ତି । ଏହି ବିଜୟ ତାଙ୍କ କ୍ୟାରିୟରର ସବୁଠାରୁ ବଡ଼ ଟାଇଟଲ୍ ନିଶ୍ଚିତ କରିଛି ।

ଆର୍ଚ୍ଚରୀ ୱାର୍ଲ୍ଡ କପ୍ ଇଭେଣ୍ଟରେ ଏହା ଧୀରଜଙ୍କ ପ୍ରଥମ ବ୍ୟକ୍ତିଗତ ସ୍ୱର୍ଣ୍ଣ ଏବଂ ସମଗ୍ର ଭାବେ ତାଙ୍କର ଚତୁର୍ଥ ବ୍ୟକ୍ତିଗତ ୱାର୍ଲ୍ଡ କପ୍ ପଦକ ଥିଲା । ଏହା ପୂର୍ବରୁ ସେ ତିନୋଟି କାଂସ୍ୟ ପଦକ ଜିତିଥିଲେ । ତାଙ୍କର ଏହି ବିଜୟ ପୁରୁଷ ବ୍ୟକ୍ତିଗତ ରିକର୍ଭ ବର୍ଗରେ ଭାରତ ପାଇଁ ୫ ବର୍ଷର ମରୁଡ଼ିର ମଧ୍ୟ ଅନ୍ତ ଘଟାଇଛି । ସେ ୨୦୨୧ ମସିହାରେ ଅତନୁ ଦାସଙ୍କ ପରେ ଏହି ଇଭେଣ୍ଟରେ ୱାର୍ଲ୍ଡ କପ୍ ସ୍ୱର୍ଣ୍ଣ ପଦକ ଜିତିବାରେ ପ୍ରଥମ ଭାରତୀୟ ହୋଇଛନ୍ତି । ଜୟନ୍ତ ତାଲୁକଦାର ୱାର୍ଲ୍ଡ କପ୍ ଇଭେଣ୍ଟରେ ବ୍ୟକ୍ତିଗତ ରିକର୍ଭ ଟାଇଟଲ୍ ଜିତିଥିବା ଅନ୍ୟତମ ଏକମାତ୍ର ଦ୍ୱିତୀୟ ଭାରତୀୟ ଅଟନ୍ତି ।

ନୂଆସାହି ପ୍ରିମିୟର ଲିଗ୍ : ରାଧେ ରାଧେ ଚାମ୍ପିଅନ

ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ

ଚୌଦ୍ୱାର ପୌରପାଳିକା ୧୭ନଂ ୱାର୍ଡ ସ୍ଥିତ ମଙ୍ଗଳା ମନ୍ଦିର ଖେଳ ପଡ଼ିଆରେ ନୂଆସାହି ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ଥାନୀୟ ଅଞ୍ଚଳର ୬ ଗୋଟି ଟିମ୍ ଅଂଶ ଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ୍ ରାଧେ ରାଧେ କ୍ରିକେଟ ଟିମ୍ ଓ କଳିଙ୍ଗ ଷଣ୍ଡ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଟସ୍ ଜିଣି କଳିଙ୍ଗ ଷଣ୍ଡ ନିର୍ଦ୍ଧାରିତ ୪ ଓଭରରେ ୪୬ ରନ ସଂଗ୍ରହ କରିଥିବା ବେଳେ ଏହାର ଜବାବରେ ରାଧେ ରାଧେ ଟିମ୍ ୨ ଓଭର ୨ଟି ବଲ ଖେଳି ୪୭ ରନ ସଂଗ୍ରହ କରି ଚାମ୍ପିଅନ ହୋଇଥିଲା । ଫାଇନାଲ ମ୍ୟାଚ୍‌ର ଅମ୍ପାୟାର ଭାବେ

ସୁଜିତ କୁମାର ନାୟକ ଓ ନରେନ ଦାସ ଖେଳ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବେ ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନର ପ୍ରତିଷ୍ଠାତା ଡ. ତ୍ରିଦେବ ବେହେରା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ଯୁବଗୋଷ୍ଠୀମାନେ ଖେଳ ସହିତ ରକ୍ତ ଦାନ ଭଳି ପୁଣ୍ୟ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କାଉନସିଲର ଅଶୁତୋଷ ଦାସ, ହଂସ ଚରଣ ସାହୁ, ଅଜୟ କୁମାର ରାଉତରାୟ,ପ୍ରଭାକର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ନୂଆସାହି କ୍ରିକେଟ ଆସୋସିଏସନର ରଜତ କୁମାର ପଣ୍ଡା, ସତ୍ୟଜିତ୍ ମଜୁମଦାର, ସଞ୍ଜୟ ବିଶ୍ୱାଳ, ପ୍ରଶନ୍ନଜିତ ଦାସଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

ଭୁବନେଶ୍ୱର : କଳିଙ୍ଗ ଷ୍ଟାଡ଼ିୟମ ଇନ୍‌ଡୋର୍ ଆଥଲେଟିକ୍ ଷ୍ଟାଡିୟମ ପରିସରରେ ଆନ୍ତର୍ଜାତିକ ଯୋଗ ଦିବସର ଅବ୍ୟବହିତ ପୂର୍ବରୁ ସପ୍ତାହ ବ୍ୟାପୀ ଯୋଗ ଉତ୍ସବ ଉଦ୍‌ଘାଟିତ । (ଫଟୋ : ସମ୍ବାଦ କଳିକା)

13001/881/2627

କଟକ ଉନ୍ନୟନ କର୍ତ୍ତୃପକ୍ଷ

ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨

ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡ଼ାନାସୀ, କଟକ (ମର୍କତ ନଗର) ସେକ୍ଟର-୯ରେ ପ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୬ ଜୁନ୍ ୨୦୨୬ ମଙ୍ଗଳବାର

ଏସ୍‌ଆଇଆର୍ ପ୍ରକ୍ରିୟାରେ ତ୍ରୁଟି ଅଭିଯୋଗ ଆଣିଲା ବିଜେଡି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ
ଓଡିଶାରେ ଜାରି ରହିଛି ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ୍‌ଆଇଆର ପ୍ରକ୍ରିୟା । ରବିବାର ସୁଦ୍ଧା ରାଜ୍ୟରେ ଏସ୍‌ଆଇଆର୍ ପ୍ରକ୍ରିୟା ରେକର୍ଡ ସଂଖ୍ୟକ ୯୮.୯୫ ପ୍ରତିଶତରେ ପହଞ୍ଚିଛି । ସେହିପରି ୩୪.୫୪ ପ୍ରତିଶତ ଅର୍ଥାତ ୧ କୋଟି ୧୫ ଲକ୍ଷ ୩୬ ହଜାର ୫୩୭ ଭୋଟଙ୍କର ଡିଜିଟାଇଜେସନ କରାଯାଇଛି । କିନ୍ତୁ ଏସ୍‌ଆଇଆର୍ ପ୍ରକ୍ରିୟା ନେଇ ବିଜେଡି ଆଣିଛି ବଡ଼ ଅଭିଯୋଗ । ଫର୍ମ ପୂରଣରେ ବିଏଲ୍‌ଓମାନେ ଭୁଲ୍ କରୁଥିବା ବିଜେଡ଼ି ଅଭିଯୋଗ ଆଣିଛି । ସେହିପରି ଅନଲାଇନ ପ୍ରକ୍ରିୟାରେ ତ୍ରୁଟି ରହୁଥିବା ଦଳ ପକ୍ଷରୁ ଅଭିଯୋଗ କରାଯାଇଛି । ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି, 'ରାଜ୍ୟରେ ୨୦୦୨ରେ ଏସ୍‌ଆଇଆର୍ ହୋଇଥିଲା । ପ୍ରାୟ ୨୫ ବର୍ଷ ପରେ ବର୍ତ୍ତମାନ ପୁନର୍ବାର ହେଉଛି । ଏସ୍‌ଆଇଆର୍‌କୁ ନେଇ ସାରା ଦେଶରେ ଚର୍ଚ୍ଚା ଲାଗି ରହିଛି । ପକ୍ଷପାତିତା ଓ ନ୍ୟାୟିକ ମାମଲା କଥା ମଧ୍ୟ ନଜରକୁ ଆସୁଛି । ଓଡ଼ିଶାରେ ଏହି ଏସ୍‌ଆଇଆର୍ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି । ବିଭିନ୍ନ ସମୟରେ ଆମେ ଏ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ବିଭିନ୍ନ ଦାବି ପତ୍ର ପ୍ରଦାନ କରିଛୁ । ଆମର ମୁଖ୍ୟ ଉଦ୍ଦେଶ୍ୟ ହେଲା ନିର୍ଭୁଲ ଭାବେ ତାଲିକା ପ୍ରସ୍ତୁତ ହେଉ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ବିଭିନ୍ନ ରାଜନୈତିକ ଦଳର ବୈଠକ ଡାକି ଆଲୋଚନା କରୁଛନ୍ତି । କିନ୍ତୁ ବିଭିନ୍ନ କାରଣ ଦର୍ଶାଇ ବିଏଲ୍‌ଓମାନେ ଅନେକ ଯୋଗ୍ୟ ଭୋଟରଙ୍କୁ ତାଲିକାରେ ସାମିଲ କରୁନାହାନ୍ତି । ନାମ, ବୟସ, ଲିଙ୍ଗ ଅସଙ୍ଗତି ଓ ସନ୍ଦେହଜନ ଦର୍ଶାଇ ପୁନଃ ଯାଞ୍ଚ ପାଇଁ ରଖାଯାଉଛି । ଏ ସମ୍ପର୍କରେ କୌଣସି ସ୍ପଷ୍ଟ ଉତ୍ତର ମିଳୁନାହିଁ । ବିଏଲଓ ଓ ବିଏଲଏଙ୍କ ନାମ ବିଜ୍ଞପ୍ତି ବୋର୍ଡରେ ରହିବା କଥା, ତାହା ନାହିଁ ।' ସେହିପରି ବିଜେଡି ସାଧାରଣ ସଂପାଦକ ବିଜୟ ନାୟକ କହିଛନ୍ତି, 'ଗଣତନ୍ତ୍ରରେ ଭୋଟର ମାନଙ୍କ ଅଧିକାର ସର୍ବୋପରି । ସଠିକ ଭୋଟର ତାଲିକା ଗଣତନ୍ତ୍ରର ଭିତ୍ତି । ଏସ୍‌ଆଇଆର୍ ପ୍ରକ୍ରିୟା ସଠିକ ଭାବରେ କରିବା ପାଇଁ ବିଜେଡି ପକ୍ଷରୁ ସହଯୋଗ କରାଯାଉଛି । ବିଜେଡି ପକ୍ଷରୁ ୧୪୭ ନିର୍ବାଚନ ମଣ୍ଡଳୀରେ ବିଏଲଏ ନିଯୁକ୍ତ କରିଛୁ । କିନ୍ତୁ ନିର୍ବାଚନ କମିଶନଙ୍କ ପକ୍ଷରୁ ନିଯୁକ୍ତି ପାଇଥିବା ବିଏଲଓ ଓ ସୁପରଭାଇଜରମାନେ ଏସ୍‌ଆଇଆର୍ ପ୍ରକ୍ରିୟାକୁ ଠିକ ଭାବେ ବୁଝି ନାହାନ୍ତି । ଯେଉଁମାନେ ଏହି ପ୍ରକ୍ରିୟା ବୁଝିଛନ୍ତି ସେମାନଙ୍କ କାର୍ଯ୍ୟକ୍ରମକୁ ବାଧାପ୍ରାପ୍ତ କରାଯାଉଛି । ସେଥିପାଇଁ ବିଭିନ୍ନ ସ୍ଥାନରେ ବିଏଲଓମାନଙ୍କୁ ଆକ୍ରମଣ ହେଉଛି । ଏସ୍‌ଆଇଆର୍ ପ୍ରକ୍ରିୟା ଦୁଇ ପ୍ରକାର । ଗୋଟେ ଅନଲାଇନ୍ ଓ ଅନ୍ୟଟି ଅଫଲାଇନ୍ । ବିଏଲଓମାନେ କେବଳ ଦସ୍ତଖତ ନେଇଯାଉଛନ୍ତି, ଫର୍ମ ପୂରଣ କରୁନାହାନ୍ତି । ଅନଲାଇନ୍ ପ୍ରକ୍ରିୟା ଅତ୍ୟନ୍ତ ଜଟିଳ । ଭୋଟର କାର୍ଡ ନାମ ଓ ଆଧାର କାର୍ଡରେ ସେହି ସମାନ ନାମ'ରେ ଟିକେ ଭୁଲ ଥିବ ତାହାଲେ ମେଳକ ହୋଇପାରିବ ନାହିଁ । ଏ ବିବାଦରେ ମଧ୍ୟ ଭୋଟରଙ୍କୁ ସଚେତନ କରାଯାଉନାହିଁ । ନିର୍ବାଚନ ଅଧିକାରୀଙ୍କୁ ବିଜେଡି ପକ୍ଷରୁ ଦିଆଯାଉଥିବା ପ୍ରସ୍ତାବ କାର୍ଯ୍ୟକାରୀ କରାଯାଉନାହିଁ ବୋଲି ଶ୍ରୀ ନାୟକ କହିଛନ୍ତି ।' ସୂଚନା ଅନୁଯାୟୀ ଓଡ଼ିଶାରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ତ୍ୱରିତ ପର୍ଯ୍ୟାୟରେ ରେକର୍ଡ ସଂଖ୍ୟକ ୯୮.୯୫ ପ୍ରତିଶତରେ ପହଞ୍ଚିଛି । ସେହିପରି ଏବେ ସୁଦ୍ଧା ଡିଜିଟାଇଜେସନ ୩୪.୫୪ ପ୍ରତିଶତ ଅର୍ଥାତ ୧ କୋଟି ୧୫ ଲକ୍ଷ ୩୬ ହଜାର ୫୩୭ ଭୋଟଙ୍କର ଡିଜିଟାଇଜେସନ କରାଯାଇଛି । ଜୁନ ୧୪ ସନ୍ଧ୍ୟା ୬ଟା ସୁଦ୍ଧା ରାଜ୍ୟରେ ଭୋଟର ସଂଶୋଧନ କାର୍ଯ୍ୟରେ ଉଲ୍ଲେଖନୀୟ ସଫଳତା ମିଳିଛି । ୯୮.୯୫ ପ୍ରତିଶତ ଫର୍ମ ବଣ୍ଟନ ଅର୍ଥାତ ୩ କୋଟି ୩୦ ଲକ୍ଷ ୪୯ ହଜାର ୧୮୮ ଜଣ ଭୋଟରଙ୍କ ପାଖରେ ଫର୍ମ ବଣ୍ଟନ ପ୍ରକ୍ରିୟା ଶେଷ ହୋଇଛି ।

ପୁରୀ ହିଁ ବିଶ୍ୱର ଏକମାତ୍ର 'ଶ୍ରୀଜଗନ୍ନାଥ ଧାମ': ମୁଖ୍ୟମନ୍ତ୍ରୀ

ପୁରୀ, ନ୍ୟୁଜ ବ୍ୟୁରୋ
ଜଗନ୍ନାଥ ସଂସ୍କୃତିର ସୁରକ୍ଷା ଏବଂ ଓଡ଼ିଆ ଅସ୍ମିତାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବା ପାଇଁ ଦୃଢ଼ ପଦକ୍ଷେପ ନେଇଥିବାରୁ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପୁରୀ ଟାଉନ ହଲଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ଭବ୍ୟ ଗଣସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । 'ଶ୍ରୀ ଜଗନ୍ନାଥ ଭକ୍ତ ସେବା ସଂସ୍ଥାନ' ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂଜ୍ୟ ସାଧୁ-ସନ୍ଥ, ଶ୍ରୀମନ୍ଦିରର ସେବାୟତ ମଣ୍ଡଳୀ ଏବଂ ହଜାର ହଜାର ଜଗନ୍ନାଥପ୍ରେମୀ ଭକ୍ତଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କୁ ସାଦର ସମ୍ବର୍ଦ୍ଧିତ କରିଥିଲେ ।

ପଶ୍ଚିମବଙ୍ଗର ଦିଘା ଜଗନ୍ନାଥ ମନ୍ଦିର ନାମରୁ 'ଧାମ' ଶବ୍ଦ ହଟାଇବା ପାଇଁ ମୁଖ୍ୟମନ୍ତ୍ରୀ କରିଥିବା ସଫଳ ଓ ଐତିହାସିକ ହସ୍ତକ୍ଷେପ ପାଇଁ ସଂସ୍ଥାନ ପକ୍ଷରୁ ତାଙ୍କୁ ଗଭୀର କୃତଜ୍ଞତା ପ୍ରକାଶ କରାଯାଇ ଥିଲା । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରି କହିଥିଲେ ଯେ, ସନାତନ ସଂସ୍କୃତି ଓ ଶାସ୍ତ୍ରୀୟ ବିଧିବିଧାନ ଅନୁଯାୟୀ ସମଗ୍ର ବିଶ୍ୱରେ କେବଳ 'ପୁରୀ' ହିଁ ଏକମାତ୍ର ଶ୍ରୀଜଗନ୍ନାଥ ଧାମ । ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ସ୍ୱତନ୍ତ୍ରତା ରହିଛି । ଆମ ସରକାର ଶ୍ରୀ ଜଗନ୍ନାଥ ସଂସ୍କୃତିର ସୁରକ୍ଷା, ପ୍ରସାର, ଏବଂ ଶ୍ରୀ ମନ୍ଦିରର ଶାସ୍ତ୍ରୀୟ ପରମ୍ପରାର ସଂରକ୍ଷଣ ପାଇଁ ରାଜ୍ୟ ସରକାର ସତର୍କ ପ୍ରହରୀ ସଦୃଶ ଜଗିକି ରହିବେ ବୋଲି ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଆଶ୍ୱସ୍ତ କରିଥିଲେ । ସୂଚନା ଯୋଗ୍ୟଯେ ପଶ୍ଚିମବଙ୍ଗର ଦିଘାଠାରେ ନିର୍ମିତ ମନ୍ଦିର ପାଇଁ 'ଧାମ' ଶବ୍ଦର ବ୍ୟବହାର

ଓଡ଼ିଆ ଜାତିର ଆଧ୍ୟାତ୍ମିକ ଭାବନାକୁ ଆଘାତ ଦେଇଥିଲା । ଏହି ସଂବେଦନଶୀଳ ପ୍ରସଙ୍ଗରେ ଓଡ଼ିଶା ସରକାର ଦୃଢ଼ ହସ୍ତକ୍ଷେପ କରିବା ସହ ସାଂସଦ ଶ୍ରୀ ସମ୍ବିତ ପାତ୍ରଙ୍କ ମାଧ୍ୟମରେ ପଶ୍ଚିମବଙ୍ଗର ନବନିର୍ବାଚିତ ମୁଖ୍ୟମନ୍ତ୍ରୀ ଶ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଏହାର ସକାରାତ୍ମକ ପ୍ରଭାବ ସ୍ୱରୂପ ପଶ୍ଚିମବଙ୍ଗ ସରକାର ଦିଘା ଜଗନ୍ନାଥ ମନ୍ଦିର ନାମରୁ 'ଧାମ' ଶବ୍ଦକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯେଉଁମାନେ ମହାପ୍ରଭୁଙ୍କୁ ନେଇ ରାଜନୀତି କିମ୍ବା ଅହଂକାର କରିଛନ୍ତି, ସେମାନେ ନିର୍ବାଚନରେ ତାର ଫଳ ଭୋଗିଛନ୍ତି, କାରଣ କାଳିଆ ସାଆନ୍ତଙ୍କ ପାଖରେ ଅହଂକାରର କୌଣସି ସ୍ଥାନ ନାହିଁ । ଏହି ଅବସରରେ 'ଓଡ଼ିଆ ଅସ୍ମିତା'ର ସରକାର ଭାବେ ଅଭିହିତ କରି ମୁଖ୍ୟମନ୍ତ୍ରୀ ଶ୍ରୀମନ୍ଦିରର ଶାସ୍ତ୍ରୀୟ ପରମ୍ପରା ରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି । ସରକାର ଗଠନର ପ୍ରଥମ ଦିନରୁ ଶ୍ରୀମନ୍ଦିରର ଚାରିଦ୍ୱାର ଭକ୍ତଙ୍କ ପାଇଁ ଉନ୍ମୁକ୍ତ କରିବା ଏବଂ ପବିତ୍ର ରତ୍ନଭଣ୍ଡାରର ଗଣତି ମଣତି ପାଇଁ ପଦକ୍ଷେପ ନେବା ସରକାରଙ୍କ ଆନ୍ତରିକତାକୁ ଦର୍ଶାଏ ବୋଲି ସେ ପ୍ରକାଶ କରିଛନ୍ତି । ଏହା ସହିତ ଗରିବ ଓ ବରିଷ୍ଠ ନାଗରିକମାନଙ୍କୁ ନିଶୁଳ୍କ ମହାପ୍ରଭୁଙ୍କ ଦର୍ଶନ ଓ ମହାପ୍ରସାଦ ସେବନ କରାଇବା ପାଇଁ ଆରମ୍ଭ ହୋଇଥିବା 'ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା' ମାଧ୍ୟମରେ ଅନେକ ଭକ୍ତ ଉପକୃତ ହୋଇସାରିଥିବା ସେ ସୂଚନା ଦେଇଛନ୍ତି । ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ଶାସକ ନୁହେଁ, ବରଂ ସ୍ୱୟଂ ମହାପ୍ରଭୁ ହିଁ ପ୍ରକୃତ ରାଜା ଏବଂ ମୁଖ୍ୟମନ୍ତ୍ରୀ ଆସନ କ୍ଷମତାର ପ୍ରତୀକ ନୁହେଁ ବରଂ ଜନସେବାର ଏକ ମାଧ୍ୟମ ବୋଲି ସେ ଭାବବିହ୍ୱଳ ହୋଇ କହିଛନ୍ତି । ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶ୍ରୀ ଶୁଭେନ୍ଦୁ ଅଧିକାରୀ ଓଡ଼ିଶାବାସୀ ଓ ଶ୍ରୀମନ୍ଦିର ସେବାୟତଙ୍କ ଭାବନାକୁ ସମ୍ମାନ ଜଣାଇ ତୁରନ୍ତ 'ଧାମ' ଶବ୍ଦ ପ୍ରତ୍ୟାହାର କରିବାକୁ ଘୋଷଣା କରିଛନ୍ତି । ଦୁଇ ପଡ଼ୋଶୀ ରାଜ୍ୟର ଶୀର୍ଷ ନେତୃତ୍ୱଙ୍କ ମଧ୍ୟରେ ଥିବା ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ଓ ସକାରାତ୍ମକ ପଦକ୍ଷେପ ଯୋଗୁଁ ଆଜି ଜଗନ୍ନାଥ ସଂସ୍କୃତିର ପ୍ରାଚୀନ ମର୍ଯ୍ୟାଦା ଅକ୍ଷୁଣ୍ଣ ରହିବା ସହ ଆନ୍ତଃ-ରାଜ୍ୟ ସାଂସ୍କୃତିକ ସମନ୍ୱୟର ଏକ ଶ୍ରେଷ୍ଠ ଉଦାହରଣ ସୃଷ୍ଟି ହୋଇଛି । ସଂସ୍ଥାନର ସଭାପତି ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ ଏବଂ ସେବାୟତମାନଙ୍କ ଉପସ୍ଥିତିରେ ଆୟୋଜିତ ଏହି ସଭାରେ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଜଗନ୍ନାଥ ସଂସ୍କୃତିର ବିଶ୍ୱବ୍ୟାପୀ ପ୍ରସାର ପାଇଁ ମିଳିମିଶି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ମଧ୍ୟ ସାଂସଦ ସମ୍ବିତ ପାତ୍ରଙ୍କ ଭୂମିକାକୁ ଉଚ୍ଚ ପ୍ରଶଂସା କରି କହିଛନ୍ତି ଯେ, ପଶ୍ଚିମବଙ୍ଗରେ ନୂତନ ସରକାର ଗଠନ ହେଲାପରେ, ସେ ବ୍ୟକ୍ତିଗତ ଭାବେ ସାଂସଦ ଶ୍ରୀ ପାତ୍ରଙ୍କ ମାଧ୍ୟମରେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ପାଖକୁ ଏକ ସ୍ପଷ୍ଟ ପତ୍ର ପ୍ରେରଣ କରିଥିଲେ । ସାଂସଦ ଶ୍ରୀ ପାତ୍ର ଓଡ଼ିଶାବାସୀ ଓ ସେବାୟତଙ୍କ ଭାବନାକୁ ପଶ୍ଚିମବଙ୍ଗ ସରକାରଙ୍କ ନିକଟରେ ଅତି ଯୁକ୍ତିଯୁକ୍ତ ଓ ଶାସ୍ତ୍ରସମ୍ମତ ଭାବେ ଉପସ୍ଥାପନ କରି ଏକ ସାଂସ୍କୃତିକ ସେତୁର କାର୍ଯ୍ୟ କରିଥିଲେ । ପୁରୀ ସାଂସଦ ଶ୍ରୀ ସମ୍ବିତ ପାତ୍ର ନିଜ ଅଭିଭାଷଣରେ କହିଛନ୍ତି ଯେ, ଶାସ୍ତ୍ର ଓ ପରମ୍ପରା ଅନୁସାରେ ବିଶ୍ୱରେ 'ପୁରୀ' ହିଁ ଏକମାତ୍ର ଶ୍ରୀଜଗନ୍ନାଥ ଧାମ, ଏହାର ବିକଳ୍ପ ଅନ୍ୟ କୌଣସି ସ୍ଥାନ ହୋଇପାରିବ ନାହିଁ । ଦିଘାଠାରେ ମନ୍ଦିର ନିର୍ମାଣକୁ ଆମେ ସ୍ୱାଗତ କରୁଛୁ, କିନ୍ତୁ ତାକୁ 'ଧାମ'ର ଆଖ୍ୟା ଦେଇ ପୁରୀର ଗରିମାକୁ କ୍ଷୁଣ୍ଣ କରିବା ପାଇଁ ପଡ଼ୋଶୀ ରାଜ୍ୟର ତତ୍କାଳୀନ ସରକାର ଯେଉଁ ଅହଂକାର ପ୍ରଦର୍ଶନ କରିଥିଲେ, ମହାପ୍ରଭୁ ତାର ଉଚିତ ଜବାବ ଦେଇଛନ୍ତି । ଏହି ଭବ୍ୟ ମହୋତ୍ସବରେ ଶ୍ରୀକ୍ଷେତ୍ରର ବିଭିନ୍ନ ପ୍ରମୁଖ ସେବାୟତ ସଂଘ, ଆଧ୍ୟାତ୍ମିକ ଅନୁଷ୍ଠାନ, ସାମାଜିକ ସଂଗଠନ ଏବଂ ବହୁ ବିଶିଷ୍ଟ ବ୍ୟକ୍ତିବୃନ୍ଦଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ସାଦର ସମ୍ବର୍ଦ୍ଧିତ କରାଯାଇଥିଲା । ଜଗନ୍ନାଥ ସଂସ୍କୃତିର ଗରିମା ଓ ପ୍ରାଚୀନ ଶାସ୍ତ୍ରୀୟ ମର୍ଯ୍ୟାଦା ରକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୃଢ଼ ତଥା ସଂବେଦନଶୀଳ ପଦକ୍ଷେପକୁ ଉପସ୍ଥିତ ସମସ୍ତ ସେବାୟତ ଓ ଆଧ୍ୟାତ୍ମିକ ଗୁରୁମାନେ ଏକ ସ୍ୱରରେ ପ୍ରଶଂସା କରିବା ସହ ତାଙ୍କୁ ସାଂସ୍କୃତିକ ଅସ୍ମିତାର ରକ୍ଷାକର୍ତ୍ତା ଭାବେ ଅଭିହିତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜଗତସିଂହପୁର ସାଂସଦ ଡଃ ବିଭୁ ପ୍ରସାଦ ତରାଇ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଏବଂ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ପ୍ରମୁଖ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ପୁରୀବାସୀଙ୍କ ତରଫରୁ କୃତଜ୍ଞତା ଜଣାଇଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ସୋମନାଥଙ୍କ ଚରଣରେ ଅର୍ପଣ...

ଅନ୍ତର୍ଗତ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ସାରା ଦେଶରେ ଏକ ବ୍ୟାପକ ଗଣ-ତୀର୍ଥଯାତ୍ରାର ବ୍ୟବସ୍ଥା କରାଯାଇଛି, ଯେଉଁଥିରେ ଓଡ଼ିଶାର ଏହି ସ୍ୱତନ୍ତ୍ର ଟ୍ରେନ ଭଳି ଲକ୍ଷ୍ନୌରୁ ୧ ହଜାର ୮ ଜଣ ଏବଂ ଦିଲ୍ଲୀରୁ ପ୍ରାୟ ୧୩୦୦ ଜଣ ଶ୍ରଦ୍ଧାଳୁ ମଧ୍ୟ ପବିତ୍ର ପ୍ରଭାସ ପାଟଣ ଅଭିମୁଖେ ବାହାରିଛନ୍ତି । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକାଶ ଭି, ବିରାସତ ଭି' ର ମନ୍ତ୍ର ଆଜି ସୋମନାଥଠାରେ ଅତ୍ୟାଧୁନିକ ଭବ୍ୟ ପ୍ରଦର୍ଶନୀ ଶାଳା, ମ୍ୟୁଜିୟମ, ସମୁଦ୍ର ଦର୍ଶନ ପଥ ଏବଂ ପ୍ରସାଦ ଯୋଜନା ଜରିଆରେ ବିଶ୍ୱସ୍ତରୀୟ ଯାତ୍ରୀ ଭିତ୍ତିଭୂମିର ବିକାଶ କରି ପ୍ରମାଣିତ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ତୀର୍ଥଯାତ୍ରୀଙ୍କୁ 'ଓଁ ନମଃ ଶିବାୟ' ପୁସ୍ତିକା ପ୍ରଦାନ କରାଯାଇଛି । ସେ ଆହୁରି କହିଛନ୍ତି ଯେ ଓଡ଼ିଶା ଏବଂ ସୋମନାଥ ମଧ୍ୟରେ ଏକ ଅତୁଟ ଆଧ୍ୟାତ୍ମିକ ସେତୁ ସ୍ଥାପନ କରିବା ପାଇଁ ଏକାମ୍ର କ୍ଷେତ୍ରର ବିନ୍ଦୁସାଗରର ପବିତ୍ର ଜଳ ଏବଂ ପ୍ରାଚୀନ ଶୈବ ପରମ୍ପରାର ଜୀବନ୍ତ ପ୍ରତୀକ କେଦାରଗୌରୀ ମନ୍ଦିରର ପବିତ୍ର ମାଟି ଏହି ସ୍ୱତନ୍ତ୍ର ଟ୍ରେନ ମାଧ୍ୟମରେ ପ୍ରଭୁ ସୋମନାଥଙ୍କ ଚରଣରେ ଅର୍ପଣ ପାଇଁ ପଠାଯାଉଛି । ଏହି ଯାତ୍ରାରେ ସାମିଲ ଥିବା ପ୍ରତ୍ୟେକ ତୀର୍ଥଯାତ୍ରୀଙ୍କୁ 'ଓଁ ନମଃ ଶିବାୟ' ପୁସ୍ତିକା ପ୍ରଦାନ କରାଯାଇଛି । ସୋମନାଥ ପୀଠରେ ଶ୍ରଦ୍ଧାଳୁମାନେ ମନ୍ଦିର ଦର୍ଶନ ସହ ଭବ୍ୟ ଆଳତି, ପବିତ୍ର ରୁଦ୍ରାଭିଷେକ, ଅଖଣ୍ଡ ଓଁକାର ଜପ ଏବଂ ମନ୍ଦିରର ସ୍ୱର୍ଣ୍ଣିମ ଇତିହାସକୁ ଜୀବନ୍ତ କରୁଥିବା ଆଧୁନିକ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ'ର ଏକ ଦିବ୍ୟ ଅନୁଭୂତିର ସାକ୍ଷୀ ହେବେ ।

ଏହି ଉତ୍ସବରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଥିଲେ ଯେ ଆମେ ସୋମନାଥ ସ୍ୱାଭିମାନ ଯାତ୍ରାରେ ଓଡ଼ିଶାର ଆଧ୍ୟାତ୍ମିକ ଐତିହ୍ୟର କିଛି ପବିତ୍ର ନିଦର୍ଶନ ମଧ୍ୟ ସୋମନାଥକୁ ପଠାଉଛୁ । ଏକାମ୍ର କ୍ଷେତ୍ରର ହୃଦୟସ୍ଥଳୀ ପବିତ୍ର ବିନ୍ଦୁସାଗରର ଜଳ ଆଜି ସୋମନାଥ ଧାମକୁ ଯାଉଛି । ଏହି ପବିତ୍ର ଜଳ ଓଡ଼ିଶାର ଭକ୍ତିର ବାର୍ତ୍ତା ନେଇ ସୋମନାଥରେ ପହଞ୍ଚିବ ।

ଏହି ଶୁଭାରମ୍ଭ ଉତ୍ସବରେ ଏକାମ୍ର-ଭୁବନେଶ୍ୱରର ବିଧାୟକ ବାବୁ ସିଂ ଉପସ୍ଥିତ ଥିଲେ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର କମିଶନର ତଥା ଶାସନ ସଚିବ ଡ଼. ବିଜୟ କେତନ ଉପାଧ୍ୟାୟ ସ୍ୱାଗତ ଭାଷଣ ଦେଇଥିଲେ ।

୧୯ରେ ହେବ ଆମେରିକା...

ବିସ୍ତୃତ ୧୪ ସୂତ୍ରୀ ଫର୍ମୁଲା ସମ୍ପର୍କରେ ରିପୋର୍ଟ ଜାରି କରାଯାଇଛି ।

ଆମେରିକା-ଇରାନ ଶାନ୍ତି ଚୁକ୍ତିର ମୂଳ ସର୍ତ୍ତ ହେଉଛି ଉତ୍ତେଜନା ବନ୍ଦ କରିବା ଓ ଗୋଟିଏ ବ୍ୟାପକ ସମାଧାନ ପାଇଁ ଆଲୋଚନାର ପଥ ପରିଷ୍କାର କରିବା । ସେହିପରି ଚୁକ୍ତିରେ ୩ଟି ପ୍ରମୁଖ କ୍ଷେତ୍ର ଉପରେ ଫୋକସ କରାଯାଇଛି । ସେଗୁଡ଼ିକ ହେଲା- ହର୍ମୁଜ୍ ପ୍ରଣାଳୀକୁ ପୁଣି ସ୍ୱାଭାବିକ କରିବା, ଇରାନକୁ ଆର୍ଥିକ ଆଶ୍ୱସ୍ତି ଦେବା ଓ ତେହେରାନର ପରମାଣୁ କାର୍ଯ୍ୟକ୍ରମ ନେଇ ପୁନର୍ବାର ଆଲୋଚନା ଆରମ୍ଭ କରିବା ।

ଏହାସହ ଦୁଇ ପକ୍ଷ ମଧ୍ୟରେ ବିବାଦୀୟ ପ୍ରସଙ୍ଗରେ ଆଲୋଚନା କରିବା ପାଇଁ ୬୦ ଦିନର ଗୋଟିଏ ସମୟସୀମା ଧାର୍ଯ୍ୟ କରିବା ଉପରେ ଚୁକ୍ତିରେ ବ୍ୟବସ୍ଥା କରାଯାଇଛି । କିନ୍ତୁ ଏହା କୌଣସି ସ୍ଥାୟୀ ଶାନ୍ତି ଚୁକ୍ତି ନୁହେଁ । ବରଂ ଉତ୍ତେଜନାକୁ ତୁରନ୍ତ ହ୍ରାସ କରିବା ପାଇଁ ଅସ୍ଥାୟୀ ରାଜିନାମା ବୋଲି ଇରାନୀୟ ଗଣମାଧ୍ୟମ କହିଛି ।

ଏହି ଚୁକ୍ତିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ହର୍ମୁଜ୍ ପ୍ରଣାଳୀ । ପର୍ସିଆ ଉପସାଗରକୁ ଆରବ ସାଗର ସହ ଯୋଡ଼ିଥିବା ଏହି ଜଳପଥ ଦେଇ ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତୈଳ ବାଣିଜ୍ୟ ହୁଏ ।

ଯଦି ଚୁକ୍ତି ଅନୁସାରେ ଇରାନ ହର୍ମୁଜ ଉପରେ ଲାଗୁ କରୁଥିବା କଟକଣା ହଟାଇ ଦେବେ, ତା'ହେଲେ ଜାତୀୟ ଓ ଅନ୍ତର୍ଜାତୀୟ ଶକ୍ତି ବଜାରରେ ସ୍ଥିରତା ଫେରିବା ସହ ତୈଳ ଯୋଗାଣ ସ୍ୱାଭାବିକ ହୋଇ ପାରିବ ।

ଭାରତର...

ଏବଂ ଅନେକ ଦେଶରେ ଜୀବନ ଏବଂ ସମ୍ପତ୍ତିର କ୍ଷତି କରିଛି ।

ସେ ଆହୁରି କହିଛନ୍ତି, ଭାରତ ଆଶା କରୁଛି ଯେ ଏହି ଚୁକ୍ତିର କାର୍ଯ୍ୟାନ୍ୱୟନ ଏହି କ୍ଷେତ୍

ଉତ୍କଳ ସମ୍ବାଦ
ଓଡ଼ିଶା ଠାରୁ
ଭୁବନେଶ୍ୱର, ୧୬ ଜୁନ୍, ମଙ୍ଗଳବାର, ୨୦୨୬
RNI Regd. No. : 52640/94
Postal Regd. No. : BN/60/25-27

ଶ୍ରୀମନ୍ଦିରରେ ଭକ୍ତଙ୍କୁ ଏବେ ଶନିଦଶା: ଜଗା ଦର୍ଶନ ଓ ମହାପ୍ରସାଦ ପାଇଁ ଯନ୍ତ୍ରଣା ଅସହ୍ୟ

ପୁରୀ,୧୫/୦୬ ନ୍ୟୁଜ ବ୍ୟୁରୋ

ଶ୍ରୀମନ୍ଦିର ଉତ୍ତରଦ୍ୱାର ମୁହଁରେ ସ୍ଥିତି ସଙ୍ଗୀନ । ବାରିକେଡ୍ ଭିତରେ ଓ ବାହାରେ ଦଲାଲ୍‌ଙ୍କ ରାଜୁତି ଚାଲିଛି । ମହାପ୍ରଭୁଙ୍କ ଦର୍ଶନ ଓ ମହାପ୍ରସାଦ ପାଇଁ ଖୋଲାଖୋଲି କଳାବଜାର । ସିନେମା ହଲ୍‌କୁ ବଳିଗଲାଣି ଶ୍ରୀମନ୍ଦିର ସ୍ଥିତି । ବାରିକେଡ୍ ସମ୍ମୁଖରେ ପୁଲିସ ଜଗୁଛନ୍ତି । ପଛରେ ଭରା ବେପାର । ଭକ୍ତଙ୍କୁ ଲୁଟୁଛନ୍ତି ଦଲାଲ୍ । ରେଲିଂ ତଳେ ଚଳି ଆସିବାକୁ ପ୍ରବର୍ତ୍ତାଇ ଭିତରେ ଟଙ୍କା ଆଦାୟ କରୁଛନ୍ତି । ମୁଣ୍ଡକୁ ୫ଶହ । ନଚେତ୍ ଦୂରଦୂର୍ ମାରମାର୍ । ଅନୀତି ସବୁଦିନିଆ ହେବାରେ ଏହା ହିଁ ଶ୍ରୀମନ୍ଦିର ଦର୍ଶନ ବ୍ୟବସ୍ଥା ପାଲଟିଛି । ଶୃଙ୍ଖଳିତ ଦର୍ଶନ କଟକଣାରୁ ବଢ଼ିଛି କଳାବଜାର । ଶ୍ରୀଜଗନ୍ନାଥଙ୍କ ଭକ୍ତଙ୍କୁ ଏବେ ଶନିଦଶା ପଡ଼ିଛି । ମହାପ୍ରସାଦ ପାଇବାକୁ ହେଉ କି ଠାକୁରଙ୍କ ଦର୍ଶନ ପାଇଁ ଦଲାଲ୍ ହୋଇଛନ୍ତି ମାଧ୍ୟମ । କିଛି ସେବାୟତଙ୍କୁ ନନା ଓ କର୍ତ୍ତବ୍ୟରତ ପୁଲିସଙ୍କୁ ଭାଇ ଡାକି ମାଳ ମାଳ

ବ୍ଲାକର ଶ୍ରୀମନ୍ଦିରରେ ରାଜ୍ କରୁଛନ୍ତି । ପରିସ୍ଥିତି ଏଭଳି ହେଲାଣି ଯେ ଖୋଦ୍ ସେବାୟତ ମୁଖିଆ ହେଲେ ମଧ୍ୟ ସେମାନଙ୍କୁ ଆକଟ କରିବାକୁ ଡରୁଛନ୍ତି । ଏପଟେ ପୁଲିସ ଓ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ସବୁ ଦେଖି ଆଖିବୁଜି ଦେବାରେ ଶ୍ରୀମନ୍ଦିରରେ ଭକ୍ତଙ୍କୁ ଶୋଷଣ ସୀମା ଡେଇଁଯାଇଛି । ଶ୍ରୀମନ୍ଦିରକୁ ଯାଇ ନପାରି ଦର୍ଶନାର୍ଥୀ କଲବଲ ହେଉଥିବା ସ୍ଥଳେ ସେମାନଙ୍କୁ ଶିକାର କରୁଛନ୍ତି ପଞ୍ଚା ପଞ୍ଚା ଦଲାଲ । ଟଙ୍କା ଦେଇ ମନ୍ଦିର ଦ୍ୱାର ଡେଇଁଗଲେ ଶ୍ରୀମନ୍ଦିର ଭିଡ଼ରେ ଫସିଲା ବେଳକୁ ଦଲାଲ୍ ଚମ୍ପଟ । ଶ୍ରୀମନ୍ଦିରରେ ବ୍ଲାକରଙ୍କ ତାଉ ଦିନକୁ ଦିନ ବଢୁଛି । ସଲାସୁତୁରା ହୋଇ ଚାଲିଥିବା ଏଭଳି ଅବ୍ୟବସ୍ଥା ଏବେ ଶ୍ରୀମନ୍ଦିର ଦର୍ଶନ ବ୍ୟବସ୍ଥାର ପରିଚୟ ପାଇଛି । ମହାପ୍ରସାଦ ପାଇଁ ମଧ୍ୟ ଅନେକ କ୍ଷେତ୍ରରେ ଠକାମୀର ଶିକାର ହେଉଛନ୍ତି ଶ୍ରଦ୍ଧାଳୁ । କେହିକେହି ୫ଶହ ଟଙ୍କାର ଜିନିଷକୁ ୧୦୦୦ ଟଙ୍କା ହାଙ୍କି ନେଉଛନ୍ତି । ଟଙ୍କା ନେଇ ଫେରାର୍ ହୋଇ ଯାଉଥିବା ମଧ୍ୟ ଅଭିଯୋଗ ହେଉଛି । ସେଥିରୁ ଅନେକ ନିଶାଗ୍ରସ୍ତ ଥିବା କହୁଛନ୍ତି ଦର୍ଶନାର୍ଥୀ । ପୁଲିସ ସବୁ ଦେଖି ଜାଣି ଉପୁରି ଲୋଭରେ ନିରବ ରହିବାରେ ଶ୍ରଦ୍ଧାଳୁଙ୍କ ଦୁର୍ଦ୍ଦଶା ବଢୁଥିବା ହଜାର ହଜାର ଦର୍ଶନାର୍ଥୀ ଅଭିଯୋଗ କରୁଛନ୍ତି । ଭାବଗ୍ରାହୀଙ୍କ ଆସ୍ଥାନରେ ଭାବର ଅଭାବ ପଡ଼ିଛି । ଠାକୁର ଦର୍ଶନ ଓ ମହାପ୍ରସାଦ ପ୍ରାପ୍ତିରେ ଅବ୍ୟବସ୍ଥା ଭକ୍ତ ମନରେ ଭରୁଛି କୁଣ୍ଠା । ବହୁ ଭକ୍ତ ଦର୍ଶନ ନକରି ଫେରୁଛନ୍ତି । ଶ୍ରୀମନ୍ଦିର ପ୍ରତି ଆଧ୍ୟାତ୍ମିକ ଭାବ ପ୍ରତ୍ୟେକ ଦିନ କମୁଛି । ସ୍ଥିତି ଏଭଳି ହେଲାଣି ଅଣଓଡ଼ିଆ ଦର୍ଶନାର୍ଥୀ ମଧ୍ୟ ଜାଣିଲେଣି ଟଙ୍କା ଦେଲେ ସୁବିଧାରେ ମିଳୁଛି ଜଗା ଦର୍ଶନ । ଏଣୁ ବିଶ୍ୱ ପ୍ରସିଦ୍ଧ ଆଧ୍ୟାତ୍ମିକ ସ୍ଥଳର ଭାବମୂର୍ତ୍ତିର୍ ଆଘାତ ପାଇ ବ୍ୟାବସାୟିକ ସ୍ଥଳୀ ବୋଲି ସମାଲୋଚନା ହେଲାଣି ।

ରଥଖଳା: ସଂଯୋଗ ହେଲା ବଡ଼ଧରା ପୋଟଳ

ପୁରୀ, ୧୫/୦୬ ନ୍ୟୁଜ ବ୍ୟୁରୋ

ରଥ ନିର୍ମାଣର ସୋମବାର ଥିଲା ୫୫ତମ ଦିବସ। ରଥ ନିର୍ମାଣକାରୀ ସେବକ ମୁଖ୍ୟ ମହାରଣାଙ୍କ ମାର୍ଗଦର୍ଶନ ପ୍ରକାରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ସୋମବାର ତିନି ରଥରେ ବଡଧରା ପୋଟଳ ସଂଯୋଗ ହୋଇଛି। ଏହାପରେ ୧୩ ପରସ୍ତ ପୋଟଳ ଲଗାଯିବ। ଏଥି ନିମନ୍ତେ ପୋଟଳ କାମ କରାଯାଉଛି। ରଥ ତ୍ରୟର ଉପରିଭାଗ ବେଦି ସମ୍ମୁଖ ଭାଗକୁ ଛାଡି ଆଗ ଓ ପଛ ପାର୍ଶ୍ୱରେ ତାଗ ବାଡ଼ିଆ ଯାଉଛି। ରଥର ବେଦି ଚାରିପାଖରେ ପଟା ବାଡ଼ିଆ କାର୍ଯ୍ୟ କରାଯାଉଛି। ରଥ ଚାଳିରେ କଇଁଚି ହଣା କାର୍ଯ୍ୟ ଏବଂ ପାରାଭାଡ଼ି କାମ ଛାଲୁ ରହିଛି। ନନ୍ଦିଘୋଷ ରଥର ମହାରଣା ଓ ଭୋଇ ସେବକମାନେ ମିଶି ନନ୍ଦିଘୋଷ ରଥର ପଛ ଆଣି କତରା ଦୁଇ ପାର୍ଶ୍ୱରେ ସଂଯୋଗ କାର୍ଯ୍ୟ ଶେଷ କରିଛନ୍ତି। ରୂପକାର ସେବକମାନେ ରୂପ ଖୋଦେଇ ଶେଷ କରି ନାଟ ଗୋଡ଼ ରୂପର ପଲିସ୍

କାର୍ଯ୍ୟ ସହ ବାକି ନାଟ ଗୋଡ଼ ଗୁଡିକରେ କନ୍ଦର୍ପ ରୂପ ଖୋଦେଇ କାର୍ଯ୍ୟ କରୁଛନ୍ତି। ଦୋଳବେଦି ଅସ୍ଥାୟୀ କମାରଶାଳରେ ଓଝା କମାର ସେବକମାନେ କଇଁଚି କଣ୍ଢା ନିର୍ମାଣ କରୁଛନ୍ତି। ପୋଟଳ ପାଇଁ ଗୋଡ଼ି ଛାଲ, ବାଗିଆ କଣ୍ଢା ନିର୍ମାଣ କରୁଛନ୍ତି। ଦୋଳବେଦିଠାରେ ପାହି ମହାରଣାମାନେ ରଥଯାତ୍ରାରେ ଠାକୁରଙ୍କ ସେବା ପୂଜା ନିମନ୍ତେ କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରି ରଖିଛନ୍ତି। ଚିତ୍ରକର ସେବକମାନେ ପାର୍ଶ୍ୱ ଦେବାଦେବୀ ମୂର୍ତ୍ତି, ସଖୀ, ଓଲଟ ଶୁଆ, ଦେବାଦେବୀ ଆସ୍ଥାନ ଫ୍ରେମ୍ ଇତ୍ୟାଦିରେ ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି। ରୂପକାରମାନେ ରଥ ବିଭିନ୍ନ ଅଂଶକୁ ଖୋଦେଇ କରି ସୁନ୍ଦର କରୁଛନ୍ତି । ରଥ ପାର୍ଶ୍ୱଦେବାଦେବୀ ଓ ସଖୀ ଆଦିଙ୍କୁ ରଙ୍ଗ କରୁଛନ୍ତି ଚିତ୍ରକର ସେବକ । ଦୋଳବେଦି ଅସ୍ଥାୟୀ ଶାଳରେ କମାର ସେବକମାନେ ଦ୍ୱାର କଣ୍ଢା, କଇଁଚି କଣ୍ଢା ଆଦି ଲୁହା ସାମଗ୍ରୀ ତିଆରୁଛନ୍ତି ।

'ସମ୍ବାଦ କଳିକା' କାର୍ଯ୍ୟାଳୟ ପରିସରରେ ରଜ ମହୋତ୍ସବ ପାଳିତ।

ମାମଲା ରଦ୍ଦ ପାଇଁ ଅନୁଭବଙ୍କ ଆବେଦନ : ଓଡ଼ିଶା ସରକାର ଓ ବର୍ଷାଙ୍କୁ ସୁପ୍ରିମକୋର୍ଟଙ୍କ ନୋଟିସ୍

ନୂଆଦିଲ୍ଲୀ, ୧୫/୦୬

ପୂର୍ବତନ ସାଂସଦ ଏବଂ ଅଭିନେତା ଅନୁଭବ ମହାନ୍ତିଙ୍କ ବିରୋଧରେ ତାଙ୍କ ପୂର୍ବତନ ପତ୍ନୀଙ୍କ ଦ୍ୱାରା ଦାଖଲ ମାନସିକ ନିର୍ଯାତନା ଓ ଉତ୍ପୀଡ଼ନ ଅଭିଯୋଗ ମାମଲାକୁ ରଦ୍ଦ କରିବା ପାଇଁ ଦାଖଲ ଆବେଦନ ଉପରେ ସୋମବାର ସୁପ୍ରିମକୋର୍ଟ ଓଡ଼ିଶା ସରକାରଙ୍କ ସମେତ ଏହି ମାମଲାରେ ଅନ୍ତର୍ଭୁକ୍ତ ସମସ୍ତ ପକ୍ଷଙ୍କୁ ଜବାବ ତଲବ କରିଛନ୍ତି।

ନ୍ୟାୟମୂର୍ତ୍ତି ସନ୍ଦୀପ ମେହେତା ଓ ବିଜୟ ବିଶ୍ନୋଇଙ୍କ ଖଣ୍ଡପୀଠ ଅନୁଭବ ମହାନ୍ତିଙ୍କ ପକ୍ଷରୁ ଦାଖଲ ଆବେଦନ ଉପରେ ନୋଟିସ୍ ଜାରି କରିଛନ୍ତି। ଜାନୁଆରୀ ୨୦୨୬ରେ ଓଡ଼ିଶା ହାଇକୋର୍ଟ ଅନୁଭବଙ୍କୁ ଏହି ମାମଲାରୁ ମୁକ୍ତ କରିବାକୁ ଅସ୍ୱୀକାର କରିଥିଲେ। ଯାହାକୁ ଅନୁଭବ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ନ୍ୟାୟମୂର୍ତ୍ତି ସନ୍ଦୀପ ମେହେତା ଓ ନ୍ୟାୟମୂର୍ତ୍ତି ବିଜୟ ବିଶ୍ନୋଇଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଛନ୍ତି।

ସୂଚନାଥାଉକି, ଅନୁଭବ ମହାନ୍ତି ଏବଂ ତାଙ୍କ ପତ୍ନୀ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ମଧ୍ୟରେ ଚାଲିଥିବା ବିବାଦ ଓଡ଼ିଶାର ସବୁଠାରୁ ଚର୍ଚ୍ଚିତ ପାରିବାରିକ

ମାମଲା ମଧ୍ୟରୁ ଅନ୍ୟତମ। ଅବଶ୍ୟ ଦୀର୍ଘ ଦିନର ଆଇନଗତ ଲଢ଼େଇ ପରେ ଓଡ଼ିଶା ହାଇକୋର୍ଟ ଏହି ଦମ୍ପତିଙ୍କୁ ବିବାହ ବିଚ୍ଛେଦ ପାଇଁ ଅନୁମତି ଦେଇଛନ୍ତି।

୨୦୧୪ ଫେବୃୟାରୀ ୮ ତାରିଖରେ ଅନୁଭବ ଏବଂ ବର୍ଷା ପ୍ରିୟଦର୍ଶିନୀଙ୍କ ବିବାହ ହୋଇଥିଲା। ହେଲେ ବିବାହର କିଛି ବର୍ଷ ପରେ ଉଭୟଙ୍କ ମଧ୍ୟରେ ତିକ୍ତତା ଆରମ୍ଭ ହୋଇଥିଲା। ଅନୁଭବ ମହାନ୍ତି ୨୦୨୦ ଜୁଲାଇରେ ଦିଲ୍ଲୀ କୋର୍ଟରେ ପ୍ରଥମେ ଛାଡ଼ପତ୍ର ଆବେଦନ କରିଥିଲେ। ପରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଏହି ମାମଲା କଟକ ଫ୍ୟାମିଲି କୋର୍ଟକୁ ସ୍ଥାନାନ୍ତର ହୋଇଥିଲା। ଅନ୍ୟପଟେ ବର୍ଷା ପ୍ରିୟଦର୍ଶିନୀ ମଧ୍ୟ ଅନୁଭବ ଓ ତାଙ୍କ ପରିବାର ବିରୋଧରେ କଟକ କୋର୍ଟରେ ଘରୋଇ ହିଂସା ଏବଂ ନିର୍ଯାତନାର ମାମଲା ଦାୟର କରି ମାସିକ ଭରଣପୋଷଣ ଦାବି କରିଥିଲେ।

ତେବେ କୋର୍ଟରେ ମାମଲା ଚାଲିଥିବା ବେଳେ ଦୁହେଁ ସୋସିଆଲ ମିଡିଆରେ ଭିଡିଓ ଏବଂ ପୋଷ୍ଟ ମାଧ୍ୟମରେ ପରସ୍ପର ଉପରେ ଆରୋପ ପ୍ରତ୍ୟାରୋପ ଲଗାଇଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ, ହାଇକୋର୍ଟଙ୍କୁ ଏଥିରେ ହସ୍ତକ୍ଷେପ କରି ଉଭୟଙ୍କୁ ଏଭଳି ଭିଡିଓ ପୋଷ୍ଟ ନକରିବାକୁ ନିର୍ଦ୍ଦେଶ ଦେବାକୁ ପଡ଼ିଥିଲା। ତେବେ ୨୦୨୩ ସେପ୍ଟେମ୍ବରରେ କଟକ ଫ୍ୟାମିଲି କୋର୍ଟ ଅନୁଭବଙ୍କ ଛାଡ଼ପତ୍ର ଆବେଦନକୁ ଖାରଜ କରିଦେଇଥିଲେ। ଯାହାପରେ ସେ ଏହି ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୨୩ ଡିସେମ୍ବର ୨୧ରେ ଓଡ଼ିଶା ହାଇକୋର୍ଟ ପୂର୍ବ ନିଷ୍ପତ୍ତିକୁ ବଦଳାଇ ଅନୁଭବ ମହାନ୍ତିଙ୍କ ସପକ୍ଷରେ ରାୟ ଦେଇ ଛାଡ଼ପତ୍ର ମଞ୍ଜୁର କରିଥିଲେ।

ଏହାପରେ ଅପ୍ରେଲ ୨୦୨୫ରେ କଟକର ଏକ ମାଜିଷ୍ଟ୍ରେଟ୍ କୋର୍ଟ ବର୍ଷାଙ୍କ ଦ୍ୱାରା କରାଯାଇଥିବା ଘରୋଇ ହିଂସା ଅଭିଯୋଗକୁ ପ୍ରମାଣ ଅଭାବରୁ ଖାରଜ କରିଥିଲେ ଏବଂ ଅନୁଭବଙ୍କୁ କୌଣସି ପ୍ରକାର ଭରଣପୋଷଣ ଦେବାକୁ ପଡ଼ିବ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ତେବେ ବର୍ତ୍ତମାନ ୨୦୨୦ରେ ବର୍ଷାଙ୍କ ଦ୍ୱାରା ପୁରୀଘାଟ ଥାନାରେ ଦାୟର ହୋଇଥିବା କ୍ରିମିନାଲ୍ ମାମଲାକୁ ରଦ୍ଦ କରିବା ପାଇଁ ଅନୁଭବ କରିଥିବା ଆବେଦନ ଉପରେ ସୁପ୍ରିମକୋର୍ଟ ବର୍ଷା ଏବଂ ଓଡ଼ିଶା ସରକାରଙ୍କୁ ଜବାବ ମାଗିଛନ୍ତି।

ଆଜି ପର୍ଯ୍ୟଟକଙ୍କ ପାଇଁ ନନ୍ଦନକାନନ ବନ୍ଦ

ବାରଙ୍ଗ, ୧୫/୦୬
ନ୍ୟୁଜ ବ୍ୟୁରୋ

ସୋମବାର ନନ୍ଦନକାନନ ଖୋଲା ରହିଥିବା ବେଳେ ମଙ୍ଗଳବାର ବନ୍ଦ ରହିବ। ସୋମବାର ପର୍ଯ୍ୟଟକଙ୍କ ପାଇଁ ଉଭୟ ପ୍ରାଣୀ ଓ ଉଦ୍ଭିଦ ଉଦ୍ୟାନ ଖୋଲା ରହିଛି ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

ସେହିପରି ରବିବାର ପହିଲି ରଜରେ ନନ୍ଦନକାନନରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଗରମ



ଗୁଳୁଗୁଳିକୁ ଖାତିର ନକରି ପର୍ଯ୍ୟଟକମାନେ ଏଠାକୁ ଛୁଟି ଆସିଥିଲେ । ବିଶେଷକରି ଓଡ଼ିଆ ପର୍ଯ୍ୟଟକଙ୍କ ଅଧିକ ଭିଡ଼ ଦେଖିବାକୁ ମିଳିଥିଲା । ନନ୍ଦନକାନନରେ ମୋଟ ୨୯ ହଜାର ୩୮୦ ପର୍ଯ୍ୟଟକ ବୁଲିଛନ୍ତି ବୋଲି ସୂଚନା ମିଳିଛି। ସେଥିରେ ପ୍ରାଣୀ ଉଦ୍ୟାନରେ ୨୭ ହଜାର ୧୯୨ ଜଣ ଓ ଉଦ୍ଭିଦ ଉଦ୍ୟାନରେ ୨ ହଜାର ୧୮୮ ପର୍ଯ୍ୟଟକ ବୁଲିଥିଲେ। ପ୍ରାଣୀ ଉଦ୍ୟାନରେ ଜୀବଜନ୍ତୁ ଦେଖିବା ପାଇଁ ପର୍ଯ୍ୟଟକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ବିଶେଷ କରି ବହୁ ସଂଖ୍ୟାରେ ଛୋଟ ପିଲା ବୁଲିବାକୁ ଆସିଥିଲେ। ସକାଳୁ ସକାଳୁ ଟିକଟ କାଉଣ୍ଟର, ଗାଡ଼ିଷ୍ଟାଣ୍ଡରେ ଭିଡ଼ ଆରମ୍ଭ ହୋଇଯାଇଥିଲା। ବାଘ, ଭାଲୁ, ସିଂହ, ଜିରାଫ, ପକ୍ଷୀ ଖୁଆଡ଼ ପାଖରେ ବହୁ ସଂଖ୍ୟାରେ ପର୍ଯ୍ୟଟକ ଜମା ହୋଇଥିଲେ । ଶିଶୁ ଉଦ୍ୟାନରେ ପିଲାମାନେ ଦୋଳି ଖେଳିଥିଲେ । ସୁରକ୍ଷା ଦୃଷ୍ଟିରୁ ଅଧିକ ସୁରକ୍ଷା କର୍ମୀ, ଅଧିକ ପିଇବା ପାଣି ବ୍ୟବସ୍ଥା, ବିଶ୍ରାମ ସ୍ଥଳୀ, ଡାକ୍ତରୀ ଦଳ, ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଥିଲା । ଉଦ୍ଭିଦ ଉଦ୍ୟାନରେ ମଧ୍ୟ ପର୍ଯ୍ୟଟକ ବିଭିନ୍ନ ଫୁଲ ବଗିଚା ବୁଲିବା ସହିତ ଦୋଳିର ମଜା ନେଇଥିଲେ। ନନ୍ଦନକାନନ ଥାନା ପକ୍ଷରୁ ନନ୍ଦନକାନନ ମୁଖ୍ୟରାସ୍ତାରେ ଟ୍ରାଫିକ ନିୟନ୍ତ୍ରଣ କରାଯିବା ସହିତ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା ।

ସୂଚନାଯୋଗ୍ୟ, ସପ୍ତାହର ପ୍ରତ୍ୟେକ ସୋମବାର ନନ୍ଦନକାନନ ଛୁଟି ରହିଥାଏ । ଯଦି ସୋମବାର ସ୍ୱାଧୀନତା ଦିବସ, ଗଣତନ୍ତ୍ର ଦିବସ, ବଡ଼ଦିନ, ନୂଆବର୍ଷ, ଦଶହରା କିମ୍ବା ରଜ ପଡ଼େ ତେବେ ସେଦିନ ନନ୍ଦନକାନନ ଖୋଲା ରହି ପରଦିନ ଅର୍ଥାତ୍ ମଙ୍ଗଳବାର ବନ୍ଦ ରହିବା ନେଇ ବ୍ୟବସ୍ଥା ରହିଛି ।

ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୫/୦୬/୨୦୨୬
୬,୩୫,୨୫୧/- ଟଙ୍କା
ସୁନା:- ୧୧ ଗ୍ରାମ୍ ୦୭୦ ମିଲିଗ୍ରାମ
ରୂପା:- ୪୮ଗ୍ରାମ୍ ୮୦୦ ମିଲିଗ୍ରାମ

ନିୟମ ମାନୁନାହାନ୍ତି ଅମାନିଆ : ଚେକିଂ ହେବ କଡ଼ାକଡ଼ି

ଭୁବନେଶ୍ୱର ୧୫।୬
ନ୍ୟୁଜ ବ୍ୟୁରୋ

ସିଟ୍ ବେଲ୍ଟ ଓ ହେଲମେଟ୍ ଚେକିଂ ହେବ କଡ଼ାକଡ଼ି । ଏ ନେଇ ପ୍ରତିକ୍ରିୟା ରଖିଛନ୍ତି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା । ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ, ଅମାନିଆ ଲୋକଙ୍କ ଉପରେ କଟକଣା ଲାଗୁ ହୋଇଛି । କିଛି ଅମାନିଆ ଏହାକୁ ପାଳନ କରୁନାହାନ୍ତି । ଅମାନିଆ ଗାଡ଼ି ଚାଳକଙ୍କୁ ମନ୍ତ୍ରୀଙ୍କ ନିବେଦନ, ସୁରକ୍ଷିତ ଗାଡି ଚଳାନ୍ତୁ ଅନ୍ୟର ଜୀବନ ପ୍ରତି ବିପଦ ସୃଷ୍ଟି ନ କରନ୍ତୁ। ଆମେ ସମସ୍ତଙ୍କୁ ପରାମର୍ଶ ଦେଉଛୁ ଏହାକୁ ପାଳନ କରିବାକୁ । ଦୁର୍ଘଟଣା ରୋକିବାକୁ ଚେକିଂକୁ ଅଧିକ କଡ଼ାକଡ଼ି କରାଯାଉଛି । ସେପଟେ ସରକାରୀ ଅଧିକାରୀଙ୍କ ଗାଡି ବ୍ୟବହାର କଟକଣା ଉପରେ ମନ୍ତ୍ରୀ ପ୍ରତିକ୍ରିୟା ରଖିଛନ୍ତି । ମନ୍ତ୍ରୀ କହିଛନ୍ତି, ତେଲ ଖର୍ଚ୍ଚ ୧୦ ପ୍ରତିଶତ କମାଇବାକୁ ସରକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଇଭି ଗାଡି ବ୍ୟବହାର କରିବାକୁ କୁହାଯାଇଛି । ବିଭାଗ ପକ୍ଷରୁ ପ୍ରୋତ୍ସାହନ ରାଶି ଦିଆଯାଇଛି । ଆଉ ପେଟ୍ରୋଲ-ଡିଜେଲ ଗାଡି କିଣାଯିବ ନାହିଁ। କାରକେଡ୍ ମଧ୍ୟ କମେଇଛନ୍ତି ।

ଭୁବନେଶ୍ୱର : ରବିନ୍ଦ୍ରମଣ୍ଡପ ପରିସରରେ ରଜ ମହୋତ୍ସବ ପାଳନ ଅବସରରେ କୁନି କୁନି ପିଲାମାନଙ୍କ ଦୋଳି ଖେଳ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ। (ଫଟୋ : ସମ୍ବାଦ କଳିକା)

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପାଦକ : ପୁଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

ତିଖିରି ସରପଞ୍ଚ ଚାମେଲି ଓଝାଙ୍କୁ ନିର୍ଯାତନା ଘଟଣା : ବ୍ଲକ୍‌ଠାରୁ ମେଡିକାଲ୍ ସବୁଠି ଉପେକ୍ଷା

କେନ୍ଦ୍ରାପଡ଼ା/ମହାକାଳପଡ଼ା, ୧୫/୬ ନ୍ୟୁଜ ବ୍ୟୁରୋ

ମହାକାଳପଡ଼ା ବ୍ଲକ୍ ତିଖିରି ପଞ୍ଚାୟତର ସରପଞ୍ଚ ସୁଶ୍ରୀ ଚାମେଲି ଓଝାଙ୍କ ପ୍ରତି କେନ୍ଦ୍ରାପଡ଼ା ପ୍ରଶାସନ ଓ ପୁଲିସର ଦୁର୍ବ୍ୟବହାର, ଉପେକ୍ଷା, ଅମାନବୀୟ ନିର୍ଯାତନାକୁ ନେଇ ଏବେ ସବୁ ସ୍ତରରେ ପ୍ରଶ୍ନ ଉଠିଲାଣି। ଚାମେଲି ନିଜ ପଞ୍ଚାୟତର ହକ୍ ଦାବି ନେଇ ବ୍ଲକ୍‌କୁ ଅଭିଯୋଗ କରିବାକୁ ଯିବା ପରଠାରୁ ଥାନା ଓ ମେଡିକାଲ୍ ଯାଏ ସବୁଠି ବାରମ୍ବାର ଉପେକ୍ଷିତା, ନିର୍ଯାତିତା ହୋଇଥିବା ଗତ ତିନି ଦିନର ଘଟଣାକ୍ରମରୁ ସ୍ପଷ୍ଟ ଜଣାପଡୁଛି। ଏସବୁ ପଛରେ ଜଣେ ବରିଷ୍ଠ ଲୋକପ୍ରତିନିଧି ଷଡ଼ଯନ୍ତ୍ର ରଚିଥିବା ସନ୍ଦେହ କରାଯାଉଛି।

ଚାମେଲିଙ୍କୁ କେନ୍ଦ୍ରାପଡ଼ା ମେଡିକାଲ୍‌ରେ ମଧ୍ୟ ନିର୍ଯାତନା ଦିଆଯାଇଥିଲା। ତାଙ୍କ ଚିକିତ୍ସାରେ ଅବହେଳା ଠାରୁ ଆରମ୍ଭ କରି ବେଡ୍ ପର୍ଯ୍ୟନ୍ତ କଷ୍ଟ ଦିଆଯାଇଥିଲା । ସେ ଅସୁସ୍ଥ ଥିବା କହି ଜେଲ୍ କର୍ତ୍ତୃପକ୍ଷ ଫେରାଇ ଦେବା ପରେ ଚାମେଲିଙ୍କୁ ପୁଲିସ ପୁଣି ଆଣି କେନ୍ଦ୍ରାପଡ଼ା ମେଡିକାଲ୍‌ରେ ଭର୍ତ୍ତି କରିଥିଲା। ଏଠାରେ ଭେଷଜ (ମହିଳା) ବିଭାଗରେ ଭର୍ତ୍ତି କରାଯାଇଥିବାବେଳେ ବାରଣ୍ଡାରେ ତଳେ ଗଡ଼ାଇ ଦିଆଯାଇଥିଲା । ଯାହାକୁ ନେଇ ବର୍ଷିଛନ୍ତି ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ । ଗତ ରବିବାର ରାତିରେ ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ ଓ ଅନ୍ୟ ବିଜେଡି ନେତାମାନଙ୍କ ସହ ଶ୍ରୀ ନାୟକ ଚାମେଲିଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବାକୁ ଯାଇଥ